

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୦ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 MAY 2025

Vol.No. 36 ■ No.133 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବିଷୁବ ସଙ୍ଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଓସିଆଇର ନୂଆ ପୋର୍ଟାଲ ଲଂଚ କଲେ ଅମିତ ଶାହ

ନୂଆଦିଲ୍ଲୀ, ୧୯/୫: କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସୋମବାର ଦିନ ନୂତନ ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆର ନୂଆ ପୋର୍ଟାଲର ଉଦ୍ଘାଟନ କରିଛନ୍ତି। ଏହି ପୋର୍ଟାଲର ଉଦ୍ଦେଶ୍ୟ ହେଉଛି ଓସିଆଇ କାର୍ଡଧାରୀଙ୍କୁ ଉତ୍ତମ ସେବା ଯୋଗାଇବା ଏବଂ ତାଙ୍କର ଅନୁଭବକୁ ଉନ୍ନତ କରିବା। ଗୃହ ମନ୍ତ୍ରଣାଳୟ ଅନୁସାରେ, ଗତ ଏକ ଦଶନ୍ଧି ଧରି ଘଟିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିଗତ ଅଗ୍ରଗତି ଓ ଓସିଆଇ କାର୍ଡଧାରୀଙ୍କର ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି, ବର୍ତ୍ତମାନର ଅସୁବିଧାମାନଙ୍କୁ ଦୂର କରିବା ଓ ବ୍ୟବହାରକାରୀଙ୍କର ଅନୁଭବକୁ ଉନ୍ନତ କରିବା ପାଇଁ ଏକ ନୂତନ ଓସିଆଇ ପୋର୍ଟାଲ ଉନ୍ନତ କରାଯାଇଛି। ଏହି ନୂତନ ଓସିଆଇ ପୋର୍ଟାଲର ଉଦ୍ଘାଟନ ଦ୍ୱାରା ଓସିଆଇ କାର୍ଡଧାରୀଙ୍କୁ ଉତ୍ତମ ସେବା ଯୋଗାଇବା ଏବଂ ତାଙ୍କର ଅନୁଭବକୁ ଆହୁରି ଉନ୍ନତ କରିବାରେ ସାହାଯ୍ୟ ମିଳିବ।

# ପୋଲାଭରମ୍ ପ୍ରକଳ୍ପର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

## ୨୮ରେ ୪ ମୁଖ୍ୟମନ୍ତ୍ରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୂଆଦିଲ୍ଲୀ, ୧୯/୫ : ପୋଲାଭରମ ପ୍ରକଳ୍ପ ବିବାଦ ନେଇ ବସିବ ଉଚ୍ଚସ୍ତରୀୟ ବୈଠକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ମେ ୨୮ ତାରିଖରେ ବୈଠକ ବସିବ । ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ବୈଠକରେ ସାମିଲ ହେବେ । ଜଳସେଚନ ଓ ଜଳ ନିୟନ୍ତ୍ରଣ ଉପରେ ଆଲୋଚନା ହେବ। ଏହାସହ ଏହି ପ୍ରକଳ୍ପ କାରଣରୁ ଜଳମଗ୍ନ ହେବାକୁ ଥିବା ଗାଁରେ ବସବାସ କରୁଥିବା ଗ୍ରାମବାସୀଙ୍କ ଥଇଥାନ ନେଇ ହୋଇପାରେ ଆଲୋଚନା । ସୁବ୍ୟବସ୍ଥିତ ଭାବେ ଯେପରି ଏହି ପ୍ରକଳ୍ପ ହୋଇପାରିବ ସେନେଇ ବିଶେଷଜ୍ଞଙ୍କ ସହ ମଧ ଆଲୋଚନା କରାଯିବ। ଏହି ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, ପୋଲାଭରମ ପ୍ରକଳ୍ପର ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ପୋଲାଭରମ ପ୍ରକଳ୍ପ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗିରହିଛି । ଗୋଟିଏ ପଟେ ଆନ୍ଧ୍ର ପକ୍ଷରୁ ପୋଲାଭରମ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦେବା ନେଇ ପ୍ରକ୍ରିୟା ଜାରି ରହିଥିବା ଓଡ଼ିଶାର ମାଲକାନଗିରିର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବାକୁ ଥିବାରୁ ଚିନ୍ତା ବଢିଛି ।

## ଲିଙ୍ଗରାଜ ମନ୍ଦିର ଉପରେ ୧୫ ମିନିଟ୍ ଧରି ଉଡ଼ିଲା ଡ୍ରୋନ୍: ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଶଙ୍କା



ଭୁବନେଶ୍ୱର, ୧୯/୫ (ନି.ପ୍ର): ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଉପରେ ପ୍ରାୟ ୧୫ ମିନିଟ୍ ଧରି ଏକ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବାର ଦେଖାଯାଇଥିବା ଜଣାପଡ଼ିଛି। ଏହା ପରେ ମନ୍ଦିରରେ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଛି। କିଛି ସେବାୟତ ସନ୍ଧ୍ୟା ୫.୧୫ ରୁ ୫.୩୦ ପର୍ଯ୍ୟନ୍ତ ପ୍ରାୟ ୧୫ ମିନିଟ୍ ପାଇଁ ଲିଙ୍ଗରାଜ ▶▶ପୃଷ୍ଠା ୭


## ୪ ଡେସିମିଲ୍‌ରୁ କମ୍ ଜମି ଥିଲେ ଭୂମିହୀନ

ଭୁବନେଶ୍ୱର, ୧୯/୫ (ନି.ପ୍ର): ୪ ଡେସିମିଲ୍‌ରୁ କମ୍ ଜମି ଥିଲେ ଭୂମିହୀନ ଭାବେ ଗଣାଯିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ସମସ୍ତଙ୍କ ପାଖରେ ଅତିକମ୍ ରେ ୪ ଡେସିମିଲ ଜମି ରହିବ। ୪ ଡେସିମିଲରୁ କମ୍ ଜମି ଥିବା ଲୋକଙ୍କୁ ଚିହ୍ନଟ କରାଯିବ। ଘରକୁ ଘର ବୁଲି ସର୍ଭେ ସହ ତାଲିକା ପ୍ରସ୍ତୁତ କରାଯିବ। ଚିହ୍ନଟ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ଦିଆଯିବ। ସେ କହିଛନ୍ତି ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତିକମରେ ୪ ଡିସିମିଲ ଜମି ରହିବ। ଓଡ଼ିଶାରେ ଅପର୍ଯ୍ୟାପ୍ତ ଜମି ଅଛି ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ଉତ୍ତରାଧିକାରୀ ସୂତ୍ରରେ କିଏ ୫ ଡିସିମିଲ ପାଇଛି ତ ପୁଣି କିଏ ଅଧା ଡିସିମିଲ ଜମି ପାଇଛି। ଏବେ ବି ଏଭଳି ଅନେକ ଜମି ରହିଛି ଯାହାକି ମୂଳ ଉତ୍ତରାଧିକାରୀଙ୍କ ନାମରେ ନାହିଁ। କେଉଁଠି ଅଜା ତ ପୁଣି ଆଉ କେଉଁଠି ଜେଜେ ବାପାଙ୍କ ନାମରେ ଜମି ରହିଛି। ▶▶ପୃଷ୍ଠା ୭

## ଗୁପ୍ତଚରଙ୍କୁ ଛଡାଯିବନି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୯/୫ (ନି.ପ୍ର): ପାକିସ୍ତାନୀ ଗୁପ୍ତଚର ଲିଙ୍କରେ ୟୁଟ୍ୟୁବର ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ଏ ବାବଦରେ ଏନଆଇଏ ଦାୟିତ୍ୱ ନେଇ ତଦନ୍ତ କରୁଛି । ଯେତେ ଯାହାର ଲିଙ୍କ ବାହାରିବ ସେ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ । ଯେଉଁମାନେ ଦୋଷୀ ସେମାନେ କଠିନ ଦଣ୍ଡରେ ଦଣ୍ଡିତ ହେବେ। ଯେଉଁମାନେ ପଡୋଶୀ ଦେଶ ପାଇଁ ଗୁପ୍ତଚରଗିରି କରୁଛନ୍ତି ବା ସେଥିରେ ସହାୟତା କରୁଛନ୍ତି । ସେମାନଙ୍କୁ କେବେ ବି ଛଡା ଯିବନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ବଙ୍ଗୋପସାଗରରେ ଲଘୁଚାପ: ଓଡ଼ିଶାରେ ପାଣିପାଗ ସତର୍କତା ଜାରି



ଭୁବନେଶ୍ୱର, ୧୯/୫ (ନି.ପ୍ର): ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ତେଣୁ ଓଡ଼ିଶାକୁ ଲଘୁଚାପ ଆଶଙ୍କା ରହିଛି। ଦକ୍ଷିଣ-ପଶ୍ଚିମ ଓ ତତସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କେନ୍ଦ୍ରୀଭୂତ ହୋଇଛି। ଫଳରେ ବାତ୍ୟାପ୍ରବଣ ଓଡ଼ିଶାରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ-କେନ୍ଦ୍ରୀୟ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଉଛି ମେଘଖଣ୍ଡ। ଆସନ୍ତାକାଲିଠୁ ବଦଳିବ ପାଗର ମିଜାଜ୍। ପ୍ରବଳ ତାତିରେ କଷ୍ଟ ସହୁଥିବା ସମସ୍ତଙ୍କୁ ମିଳିବ ଆଶ୍ୱସ୍ତି। ଆସନ୍ତା ୪ ଦିନ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷାର ପୂର୍ବାନୁମାନ ମଧ କରାଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟକୁ ପ୍ରବଳ ବର୍ଷା ସମ୍ଭାବନା। ଆସନ୍ତା ୪ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ଭାରତ ଏକ ଧର୍ମଶାଳା ନୁହେଁ: ଶ୍ରୀଲଙ୍କା ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯/୫ (ନି.ପ୍ର): ସୁପ୍ରିମକୋର୍ଟ ସୋମବାର ଜଣେ ଶ୍ରୀଲଙ୍କା ନାଗରିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି, ଯିଏ ଜେଲ ଦଣ୍ଡ ଭୋଗ କରିବା ପରେ ପ୍ରତ୍ୟାର୍ପଣକୁ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ କହିଛନ୍ତି ଯେ ଭାରତ ଏକ ଧର୍ମଶାଳା ନୁହେଁ ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଶରଣାର୍ଥୀମାନଙ୍କୁ ଆଶ୍ରୟ ଦିଆଯାଇପାରିବ। "କ'ଣ ଭାରତ ସାରା ବିଶ୍ୱରୁ ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବ? ଆମେ ପୂର୍ବରୁ ହିଁ ୧୪୦ କୋଟି ଜନସଂଖ୍ୟା ସହିତ ସଂଘର୍ଷ କରୁଛୁ। ଏହା ଏକ ଧର୍ମଶାଳା ନୁହେଁ ଯେଉଁଠାରେ ଆମେ ସବୁଠାରୁ ଆସିଥିବା ବିଦେଶୀ ନାଗରିକମାନଙ୍କୁ ମନୋରଞ୍ଜନ କରିପାରିବୁ," ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ କହିଛନ୍ତି। ▶▶ପୃଷ୍ଠା ୭

## ଖୁବଶୀଘ୍ର ଓଡ଼ିଶାରୁ ବିଦା ହେବେ ବାଂଲାଦେଶୀ: ରାଜ୍ୟରୁ ହଟାଇବା ପାଇଁ ଆରମ୍ଭ ହେଲା ପ୍ରକ୍ରିୟା



ଭୁବନେଶ୍ୱର, ୧୯/୫ (ନି.ପ୍ର): ଅଣ ନାଗରିକ ଓଡ଼ିଶାରେ ରହିବେ ନାହିଁ । ରାଜ୍ୟରୁ ବାଂଲାଦେଶୀଙ୍କୁ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନେଇ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଇଞ୍ଜିନିୟରିଂ ବିଭାଗଗୁଡ଼ିକ ସହ ଆଲୋଚନା ହୋଇଛି । ବିଭିନ୍ନ ଏଜେନ୍ସୀରେ କାମ କରୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯିବ। ସାରା ରାଜ୍ୟରେ ଚିହ୍ନଟ ପ୍ରକ୍ରିୟା କରାଯିବ । କୌଣସି ଅଣ ନାଗରିକ ଓଡ଼ିଶାରେ ରହିପାରିବେ ନାହିଁ କହିଛନ୍ତି ଆଇନ ମନ୍ତ୍ରୀ। ▶▶ପୃଷ୍ଠା ୭

## ଦୀର୍ଘ ୩୦ ବର୍ଷ ପରେ ନୂଆ ଅଭିଯୋଗ ପ୍ରକୋଷ୍ଠ: ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯/୫ (ନି.ପ୍ର): ଭୁବନେଶ୍ୱର ୟୁନିଟ-୨ ଠାରେ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ପଦକ୍ଷେପ ନେଇଛନ୍ତି। ସୋମବାର ୧ ହଜାର ଅଭିଯୋଗକାରୀ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ▶▶ପୃଷ୍ଠା ୭

## ସ୍ୱର୍ଣ୍ଣ ମନ୍ଦିରକୁ ଟାର୍ଗେଟ୍ କରିଥିଲା ପାକ୍



ନୂଆଦିଲ୍ଲୀ, ୧୯/୫ : ଭାରତର ନଅଟି ସ୍ଥାନରେ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ ପରେ ମେ ୮ ତାରିଖରେ ପାକିସ୍ତାନ ପଞ୍ଜାବର ଅମୃତସରରେ ଥିବା ସ୍ୱର୍ଣ୍ଣ ମନ୍ଦିରକୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ମାତ୍ର ପାକ୍‌ର ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଥିଲେ ଆମ ଭାରତୀୟ ଯବାନ। ଏନେଇ ୧୫ତମ ଇନ୍‌ଫାନ୍‌ଟାରି ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ମେଜର ଜେନେରାଲ କାର୍ତ୍ତିକ ସି ଶେଷାଦ୍ରି ସୋମବାର ପ୍ରକାଶ କରିଛନ୍ତି। ସେ ଆହୁରି ବି କହିଛନ୍ତି ଯେ ସେନା ବାୟୁ ପ୍ରତିରକ୍ଷା ବନ୍ଧୁକଧାରୀମାନେ ସ୍ୱର୍ଣ୍ଣ ମନ୍ଦିରକୁ ଟାର୍ଗେଟ କରାଯାଇଥିବା ସମସ୍ତ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦେଇଛନ୍ତି। ମେଜର ଜେନେରାଲ କହିଛନ୍ତି ଯେ ଭାରତୀୟ ସେନା ସ୍ୱର୍ଣ୍ଣ ମନ୍ଦିର ଭଳି ଧାର୍ମିକ ସ୍ଥାନ ସମେତ ବେସାମରିକ ପ୍ରତିଷ୍ଠାନ ସହିତ ପାକିସ୍ତାନର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବାର ପଦକ୍ଷେପକୁ ଅନୁମାନ କରିଥିଲା। ଯାହାଫଳରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ▶▶ପୃଷ୍ଠା ୭

## କର୍ଣ୍ଣେଲ ସୋଫିଆଙ୍କ ବିରୋଧରେ ଟିପ୍ପଣୀ: ଶାହାଙ୍କ କ୍ଷମା ପ୍ରାର୍ଥନା ଖାରଜ



### ସୁପ୍ରିମକୋର୍ଟ କହିଲେ, ଏସବୁ କୁମ୍ଭୀର କାନ୍ଦଣା

ନୂଆଦିଲ୍ଲୀ,୧୯।୫: କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ଉପରେ ବିବାଦୀୟ ବୟାନ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କ କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଶାହାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି,୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏହି ଏସଆଇଟି ମେ ୨୮ରେ ପ୍ରଥମ ଷ୍ଟାଟସ ରିପୋର୍ଟ ଦେବା ଉଚିତ। ଶୁଣାଣି ସମୟରେ, ବିଚାରପତିମାନେ ବିଜୟ ଶାହଙ୍କୁ କଡ଼ା ଭର୍ତ୍ସନା କରିଥିଲେ। ଅପରେଶନ ସିନ୍ଦୂର ସମୟରେ ସେନା ମୁଖପାତ୍ର ଭୂମିକା ଗ୍ରହଣ କରିଥିବା କର୍ଣ୍ଣେଲ ସୋଫିଆଙ୍କ ଉପରେ ବିଜୟ ଶାହଙ୍କ ବିବାଦୀୟ ବୟାନର ସ୍ୱତଃସ୍ପୃତ ବିଚାର ମଧ ପ୍ରଦେଶ ହାଇକୋର୍ଟ କରିଥିଲା। ହାଇକୋର୍ଟ ମନ୍ତ୍ରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶରୁ ରହିତାଦେଶ ପାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶାହଙ୍କ ପକ୍ଷରୁ ବରିଷ୍ଠ ଓକିଲ ମନିନ୍ଦର ସିଂହ ହାଜର ହୋଇଥିଲେ। ସେ ବିଚାରପତିମାନଙ୍କୁ କହିଥିଲେ, ବିଜୟ ଶାହ ଏହି ବକ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ଖଣ୍ଡପୀଠ କହିଛନ୍ତି, ଅନେକ ଲୋକ ଆଇନରୁ ରକ୍ଷା ପାଇବା ପାଇଁ କ୍ଷମା ପ୍ରାର୍ଥନା କରନ୍ତି କିମ୍ବା କୁମ୍ଭୀର କାନ୍ଦଣା କାନ୍ଦନ୍ତି। ବିଜୟ ଶାହଙ୍କ କ୍ଷମା ପ୍ରାର୍ଥନା ଉପରେ ପ୍ରଶ୍ନ ଉଠାଇ ସୁପ୍ରିମକୋର୍ଟ କହିଛନ୍ତି, ଯଦି ସେ ଏଥିପାଇଁ ଅନୁତାପ କରିଥାନ୍ତେ ତେବେ ସେ କିନ୍ତୁ ଏବଂ ପରନ୍ତୁ ବ୍ୟବହାର କରି ଦୁଃଖ ପ୍ରକାଶ କରି ନ ଥାନ୍ତେ। ଶାହା ଏବେ ବି ମନ୍ତ୍ରୀ ଥିବା କଥା ଇଙ୍ଗିତ କରି କୋର୍ଟ କହିଛନ୍ତି, ଏହା ମନେ ହେଉନାହିଁ ଯେ ସେ ତାଙ୍କ ବକ୍ତବ୍ୟ ପାଇଁ ପ୍ରକୃତରେ ଲଜ୍ଜିତ। ତାଙ୍କ ବକ୍ତବ୍ୟ ପାଇଁ ସାରା ଦେଶ କ୍ରୋଧିତ। ଏହି ବକ୍ତବ୍ୟ ପରେ ବହୁତ ସମୟ ବିତିଗଲାଣି। ଜଣେ ମନ୍ତ୍ରୀଙ୍କ ପଦବୀର ଏକ ମର୍ଯ୍ୟାଦା ଅଛି। ଜଣେ ମନ୍ତ୍ରୀଙ୍କ ଆଚରଣ ସମାଜ ପାଇଁ ଆଦର୍ଶ ହେବା ଉଚିତ। ଏହା ପରେ କୋର୍ଟ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଅର୍ଥାତ୍ ▶▶ପୃଷ୍ଠା ୭

## ହିମାଚଳ ପ୍ରଦେଶର ଚମ୍ବାରେ ଭୂକମ୍ପ ଝଟ୍‌କା

ଶିମଲା, ୧୯/୫: ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ସୋମବାର ସକାଳେ ମୃଦୁ ଭୂକମ୍ପର ଝଟକା ଅନୁଭବ ହୋଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର, ଶିମଲା ଅନୁଯାୟୀ ସକାଳ ୧୦ଟା ୪୪ମିନିଟରେ ଆସିଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର୍ ସ୍କେଲ ୩.୩ ରେକର୍ଡ ହୋଇଛି । ଭୂକମ୍ପର କେନ୍ଦ୍ର ଜିଲ୍ଲାରେ ୩୨.୭୧ ଡିଗ୍ରୀ ଉତ୍ତର ଅକ୍ଷାଂଶ ଓ ୭୬.୩୭ ଡିଗ୍ରୀ ପୂର୍ବ ଦେଶାଂତରରେ ଅବସ୍ଥିତ ଥିଲା। ଏହାର ଗଭୀରତା ଭୂପୃଷ୍ଠରୁ ପାଞ୍ଚ କିଲୋମିଟର ତଳେ ଥିଲା। ତେବେ ଭୂକମ୍ପ କୌଣସି ଧନଜୀବନ ହାନି ଘଟିନି । ଅଧିକାରୀଙ୍କ ମୁତାବକ ଭୂକମ୍ପର ତୀବ୍ରତା କମ କାରଣରୁ ଚମ୍ବା ଓ ଆଖପାଖ ଅଂଚଳରେ କୌଣସି କ୍ଷୟକ୍ଷତି ହୋଇନି ।

# ଅଘୋଷିତ ବିଦ୍ୟୁତ୍ କାଟ୍: ଜନ ଜୀବନ ଅସ୍ତବ୍ୟସ୍ତ

ପଟ୍ଟାମୁଣ୍ଡାଇ ,୧୯/୫(ନି. ପ୍ର): ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ସକାଳ ୮ଟା ବାଜିଲେ ଉତାପ ବୃଦ୍ଧି ପାଇବାରେ ଲାଗୁଛି । ଘରୁ ବାହାରକୁ ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଖାଲି ଦିନରେ ନୁହେଁ ରାତିରେ ମଧ୍ୟ କିଛି ଦିନ ହେବ ଅସହ୍ୟ ଗରମ ହେଉଛି । ଏଭଳି ଅସହ୍ୟ ଗରମସମୟରେ ବିଦ୍ୟୁତ ବିଭାଗ ଦାଉ ସାଧୁଛି । ପବନ ଓ ବର୍ଷା ନଥିବା ବେଳେ ଘଂଟା ଘଂଟା ଧରି ଅଘୋଷିତ ବିଦ୍ୟୁତକାଟ ହେଉଛି ଯାହାକି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଗ୍ରୀଷ୍ମ ସମୟରେ ବିଦ୍ୟୁତ କାଟ କରାଯିବନି ବୋଲି ଘୋଷଣା କରିଥିବା ବେଳେ ବିଦ୍ୟୁତ ବିଭାଗ ଏହାକୁ ତିଳେ ମାତ୍ର ଖାତିର କରୁନି । ଦିନ ହେଉ ବା ରାତି ଘଂଟା ଘଂଟା ଧରି ବିଦ୍ୟୁତ କାଟ ହେଉଛି । ଯାହାକି ଜନଜୀବନକୁ ଆହୁରି ବ୍ୟତିବ୍ୟସ୍ତ କରିପକାଉଛି । ରାତିରେ ବିଦ୍ୟୁତ କାଟ ଫଳରେ ଲୋକମାନେ ଠିକ ଭାବେ ଶୋଇ ପାରୁନଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ସକାଳୁ ଘଂଟା ଘଂଟା ଧରି ବିଦ୍ୟୁତ ପାନୀୟ ଜଳ ପ୍ରକଳ୍ପଗୁଡିକ ପ୍ରଭାବିତ ହେଉଛି ବିଦ୍ୟୁତ ବିଭାଗ ପାଇଁ ରାତିରେ ଲୋକମାନେ ଶୋଇ ପାରୁନଥିବା ବେଳେ ଦିନରେ ପାଣି ପାଇବାରୁ ବଂଚିତ ହେଉଛନ୍ତି' । ଏଭଳି ଘଟଣା ରାଜନଗର ବ୍ଲକରେ ବାରମ୍ବାର ଘଟୁଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଏସି ଘରେ ନିଘୋଡ ନିଦ୍ରାରେ ଶୋଇ ପଡୁଥିବା ଅଭିଯୋଗ ହୋଇଛି । ଶୁକ୍ରବାର ଦିନ ଦିନବେଳା ୪ରୁ ୫ ଥର ବିଦ୍ୟୁତ କାଟ ହୋଇଥିବା ବେଳେ ରାତି ୮ଟା ୧୫ ମି., ୯.୨୦ ମି. ,୧୦.୧୦ ମି. ଓ ପରେ୧୨ଟା ସମୟରୁ ୨ଟା ୪୫ ମିନିଟ୍ ପର୍ଯ୍ୟ' ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ହୋଇଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଶନିବାର ସକାଳ ସାଢେ ୭ଟା ସମୟରୁ ଦିବା ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହୋଇଥିଲା । ଯାହାଫଳରେ ଲୋକମାନେ ପିଇବା ପାଣି ପାଇବାରୁ ବଂଚିତ ହୋଇଥିଲେ । ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ କଲେ ଜମ୍ପର ଛିଡିଛି, ସଟଡାଉନ୍ ନେଇଛୁ ଇତ୍ୟାଦି ବିଭିନ୍ନ ବାହାନାରେ ଉତର ଦେଉଥିବା ନେଇ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି" । ସବୁଠାରୁ ବଡକଥା ହେଲା, ଲୋକମାନେ ସବଡିଭିଜନ କାର୍ଯ୍ୟାଳୟକୁ ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ଯାଉଥିଲେ ମଧ୍ୟ ତାଙ୍କର ଦେଖା ମିଳୁନି । ସପ୍ତାହର ଅନେକ ଦିନ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଏ ସଂପର୍କରେ ସହକାରୀ ଯନ୍ତ୍ରୀ ସତ୍ୟପ୍ରକାଶ ସାହୁଙ୍କୁ ପଚାରିବାରୁ ଆମ ଲାଇନକୁ କିଏ କାଟି ଦେଉଛି କହି କଥାକୁ ଏଡାଇ ଯାଇଥିଲେ । ଏନେଇ ବିଭାଗୀୟ କେନ୍ଦ୍ରାପଡା ନିର୍ବାହୀ ଯନ୍ତ୍ରୀ( ଜିଲ୍ଲା ପରିଚାଳକ) ପ୍ରତାପ ସ୍ୱାଇଁଙ୍କୁ ପଚାରିବାରୁ ଏତେ ସମୟ ଧରି ବିଦ୍ୟୁତ କାଟ କଥାକୁ ସେ ବିଶ୍ୱାସ କରି ନଥିଲେ । ସନ୍ଧ୍ୟା ସମୟରେ କାଳବୈଶାଖୀ ଝଡବର୍ଷା ଓ ବଜ୍ରପାତକୁ ଦୃଷ୍ଟିରେ ରଖି ବିଦ୍ୟୁତ କାଟ କରାଯାଇଥିବା କହିଥିଲେ । ମାତ୍ର ରାଜନଗର ବ୍ଲକରେ ଶୁକ୍ରବାର କାଳବୈଶାଖୀ ଝଡବର୍ଷା ଓ ବଜ୍ରପାତ ହୋଇନଥିବା କହିବାରୁ ସେ ଏ ସଂପର୍କରେ ସହକାରୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି ଅଘୋଷିତ ବିଦ୍ୟୁତ କାଟ କରାଯାଉଛି କାହିଁକି ? ଯାହାଫଳରେ ମୋହନ ମାଝିଙ୍କ ସରକାର ସାଧାରଣରେନିନ୍ଦିତ ହେଉଛି । ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ କଥାକୁ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଓ ଯନ୍ତ୍ରୀ ନମାନିବା ଘଟଣା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବିଧାନସଭାର ମହିଳା ଓ ଶିଶୁ ବିକାଶ ଗୃହ କମିଟିର ସଦସ୍ୟଙ୍କ କୋରାପୁଟ ଜିଲ୍ଲା ଗସ୍ତ

ଜୟପୁର,୧୯/୫(ନି. ପ୍ର): ବିଧାନସଭାର ମହିଳା ଓ ଶିଶୁ ବିକାଶ ଗୃହ କମିଟିର ସଦସ୍ୟ ମାନେ କୋରାପୁଟ ଜିଲା ଗସ୍ତ କରିଛନ୍ତି । ଏକ ବିମାନ ଯୋଗେ ଆଜି ଜୟପୁର ଏରାୟପୋର୍ଟ ରେ ପହଂଚି ଥିଲେ । ଏଠାରେ କୋରାପୁଟ ଜିଲାପାଳ ଭି. କିର୍ତି ଭାସନ, ଏସପି ରୋହିତ ବର୍ମା, କୋରାପୁଟ ବିଧାୟକ ରଘୁ ରାମ ମାଛ, ଜୟପୁର ଉପ ଜିଲାପାଳ ଆକାବରମ ଶଶ୍ୟା ରେଡ୍ଡି ଉପସ୍ଥିତ ରହି ସ୍ୱାଗତ କରିଥିଲେ । ବିଧାୟିକା ତଥା ଟିମର ଅଧ୍ୟକ୍ଷ ସୀମାରାଣି ନାୟକଙ୍କ ନେତୃତ୍ୱରେ ୮ ଜଣ ବିଧାୟିକା ରହିଛନ୍ତି । ଏମାନଙ୍କ ମଧ୍ୟରେ ରହିଛନ୍ତି ବିଧାୟିକା ପ୍ରମିଳା ମଲ୍ଲିକ, ବର୍ଷା ସିଂ ବରିହା, ସୁଜାତା ସାହୁ, ସଞ୍ଜଲି ମୁର୍ମୁ, ଉପାସନା ମହାପାତ୍ର, ସୁବାସିନି ଜେନା, ମନୋରମା ମହାନ୍ତି ଓ ସୋଫିଆ ଫିରଦୋଶ । ପରେ କଡା ସୁରକ୍ଷା ବଳୟରେ କୋରାପୁଟ ଗସ୍ତ କରିଛନ୍ତି । ଏହି ଟିମ ପ୍ରଥମେ ଦିନରେ ଦୁଧାରୀ ଠାରେ ଥିବା କଫି ବଗିଚା ବୁଲିବେ । ସେହିପରି ବିଟେଲ ପ୍ରସୋସିଂ ୟୁନିଟ ବୁଲିବା ସହ ଏହି କମିଟି ଜିଲାରେ ୨ ଦିନ ରହି ଜିଲାର ମହିଳା ଓ ଶିଶୁ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ସମିକ୍ଷା କରିବେ । ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା କୋରାପୁଟ ଓ ମାଲକାନଗିରି ଜିଲାରେ ଏହା ଉପରେ ମଧ୍ୟ ସମିକ୍ଷା କରିବେ । ଦେଓମାଳି ବୁଲିବା ସହ ସେଠାରେ ରାତ୍ରୀ ଯାପନ କରିବେ । ହଷ୍ଟେଲ ରେ ନିଯ୍ୟାତନା ସହ ମହିଳା ମାନଙ୍କ ସମସ୍ୟା ଉପରେ ବିଶେଷ କରି ଜିଲାପାଳ ଙ୍କ ସହ ଆଲୋଚନା କରି ସମିକ୍ଷା କରିବେ । ଅଙ୍ଗନବାଡୀ କେନ୍ଦ୍ର ପରିଦର୍ଶନ କରି ମା ମାନଙ୍କ କାର୍ଯ୍ୟ ବୁଲି ଦେଖିବେ । ଏହା ସହ ପର୍ଯ୍ୟଟନ କ୍ଷେତ୍ର ବୁଲିବା ସହ ସମସ୍ତ ଦିଗ ଉପରେ ଆଲୋଚନା କରିବେ । ଏହା ସହ ସୋମବାର ଏହି ଟିମ ବିଭିନ୍ନ ଟିମ୍ ବିଭିନ୍ନ କଫି ଓ ମିଲେଟ୍ ପ୍ରୋସେସିଂ ୟୁନିଟ ସହ ଅଙ୍ଗନବାଡୀ କେନ୍ଦ୍ର ବୁଲିବା ସହ କୋରାପୁଟ ଓ ମାଲକାନଗିରି ଜିଲାର ଲୋକପ୍ରତିନିଧି ମାନଙ୍କ ମହିଳା ଶିଶୁ ନିଯ୍ୟାତନା ଉପରେ ଆଲୋଚନା କରିବେ ।

# ଶୋଚନୀୟ ରାସ୍ତା ସାଙ୍ଗକୁ ମୁକୁଳା ବିଦ୍ୟୁତ ସବଷ୍ଟେସନ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟିର ଆଶଙ୍କା

ଘଟଗାଁ ,୧୯/୫(ନି. ପ୍ର): ହଜାର ହଜାର ପରିବାର ବସବାସ କରୁଥିବା ଭାଲୁକିପତଳା ରାସ୍ତାର ଦୟନୀୟ ଅବସ୍ଥା ସାଙ୍ଗକୁ ରାସ୍ତା ପାର୍ଶ୍ୱରେ ମୁକୁଳା ବିଦ୍ୟୁତ ସବଷ୍ଟେସନ ଯାତାୟାତ କରୁଥିବା ଛୋଟ ଛୋଟ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ଙ୍କ ସମେତ ଗାଇ ଗୋରୁ ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଅସରାଏ ବର୍ଷା ହେଲେ ଏହି ଖାଲ ଢିପ ରାସ୍ତାରେ ବର୍ଷା ଜଳ ଜମି ରହି ମରମ ରାସ୍ତା ଭ୍ରମ ସୃଷ୍ଟି ହୁଏ ଏବଂ ସାଇକେଲ, ଦୁଇଚକିଆ ଯାନ, ଓ ପଥଚାରି ଝୁଂଟି ଅପ୍ରୀତିକର ପରିସ୍ଥିତି ର ସମ୍ମୁଖୀନ ହେଉଛନ୍ତି । ସେହିଭଳି ଏହି ରାସ୍ତାର ୮ ନମ୍ବର ଲେନ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ମୁକୁଳା ବିଦ୍ୟୁତ ସବଷ୍ଟେସନ ଯୋଗୁଁ ସ୍କୁଲ, ଟିଉସନ ଯାଉଥିବା ଛୋଟ ଛୋଟ ସ୍କୁଲ ପିଲା ଓ ଗାଇଗୋରୁ ମାନଙ୍କ ଜୀବନ ହାନିର ଆଶଙ୍କା ଲାଗିରହୁଛି । ଏଥିସହିତ ଦୈନିକ ହଜାର ଲୋକ ଯାତାୟତ କରୁଥିବା ଏହିରାସ୍ତା ଉପରେ ବାଲି, ମରମ ପ୍ରଭୃତି ଦିନ ଦିନ ଧରି ରଖିବା ଯୋଗୁଁ ରାସ୍ତାର ଓସାର ଚାରି ଭାଗରୁ ମାତ୍ର ଏକ ଭାଗ ରାସ୍ତା 'ଙ୍କା ରହୁଛି, ଯାହାକି ଚାରି ଚକିଆ ଯାନଟିଏ ଆସିଲେ ପଥଚାରୀ ଓ ସାଇକେଲରୋହି ମାନେ ରାସ୍ତା ଜାମର ସମ୍ମୁଖୀନ ହେଉଛନ୍ତି, ଯାହାକି ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଗୋଷ୍ଠୀ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୧୯/୫(ନି. ପ୍ର): ସମ୍ବଲପୁର ଜିଲ୍ଲା ଠେଲକୋଲଇ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଗ୍ରାମାଂଚଳର ବିକାଶ ପାଇଁ ଠେଲକୋଲଇ ଗ୍ରାମପଂଚାୟତର ଧୁବେନ୍‌ଛାପଲ୍ ଠାରେ ଏକ ନୂତନ ଗୋଷ୍ଠୀ ବିକାଶ କେନ୍ଦ୍ର ନିର୍ମାଣ କରାଯାଇଛି । ଏହାର ଉଦ୍‌ଘାଟନ ଉତ୍ସବରେ ବିପିଏସ୍‌ଏଲ୍ ସିଏସ୍‌ଆର୍ ମୁଖ୍ୟ ବିଶାଳ ରାଜ୍, ଏଭିପି (ସିଭିଲ୍ ପ୍ରକଳ୍ପ) ମିହିର ମିଶ୍ର, ଠେଲ୍‌କୋଲଇ ସରପଂଚ ଅବନ୍ତୀ ନାୟକ, ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ଅଧିକାରୀ ବୃନ୍ଦ ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏହି ଗୋଷ୍ଠୀବିକାଶ କେନ୍ଦ୍ରରେ ଗ୍ରାମର ଅଭିବୃଦ୍ଧି, ଶିକ୍ଷା ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ତଥା ଶିଶୁମାନଙ୍କ ସକାଶେ ସୁବିଧା ବିକଶିତ କରାଯାଇଛି ।

# ଜଗନ୍ନାଥ ସାଗର ପୁନଃଉଦ୍ଧାର କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

ଜୟପୁର,୧୯/୫(ନି. ପ୍ର): ଜୟପୁର ସ୍ଥିତ ଜଗନ୍ନାଥ ସାଗର ପୁନଃ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନେଇ ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସାଗର ତଟରେ ପହଂଚି ସମିକ୍ଷା କରିଛନ୍ତି । ବିଧାୟକ ବାହିନିପତି ପ୍ରଶାସନିକ ଅଧିକାରି ଓ ମାଟି ଓ ପଙ୍କ ଉଦ୍ଧାର ପାଇଁ ନେଇଥିବା ଠିକାଦାରଙ୍କ ସହ ଆଲୋଚନା କରିଥିଲେ । ଜିଲାପାଳ ଓ ଉପ ଜିଲାପାଳ ବାର ବାର ତଦାରଖ କରୁଛନ୍ତି । ଯେତେ ବର୍ଷା ହେଲେ ବି କାର୍ଯ୍ୟ ଜାରି ରହିଛି । ଜୋରସୋରରେ କାର୍ଯ୍ୟ ଚାଲିଥିବା ବିଷୟ ବିଧାୟକ ବାହିନିପତି ସୂଚନା ଦେଇଛନ୍ତି । ଦିଲ୍ଲୀରୁ ଏକ ଗାଡି ଏଠାରେ ପହଂଚିବ ଯେତେ ବର୍ଷା ହେଲେ ମଧ୍ୟ ପଙ୍କ ଉଦ୍ଧାର ହେବ ବୋଲି ବିଧାୟକ ବାହିନିପତି ସୂଚନା ଦେଇଛନ୍ତି । ଶିଘ୍ର କାମ ଶାରିବାକୁ ଚେଷ୍ଟା ଜାରି ରହିଛି । ରାଜ୍ୟର ଏକ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳି ହେବ ବୋଲି ଆଜି ବିଧାୟକ ତାରା ପ୍ରସାଦ ବାହନିପତି ସୂଚନା ଦେଇଛନ୍ତି । ଦ୍ୱିତିୟ ପଯ୍ୟାୟର ଦ୍ରବ୍ୟ ଓ ସେବା କର ମିଶାଇ ଅଟକଳ ମୂଲ୍ୟ ୯ କୋଟି ୪୫ ଲକ୍ଷ ଟଙ୍କା ରହିବା ବେଳେ ସରକାରଙ୍କ ଠାରୁ ଅନୁମୋଦିତ ହୋଇ ପୌରପରିଷଦକୁ ପ୍ରେରଣ କରାଯାଇଛି । ଟେଣ୍ଡର ମାଧ୍ୟମରେ କୋକସରାର ଏକ ଠିକା ସଂସ୍ଥାକୁ କାର୍ଯ୍ୟ ।ଦେଶ ଦିଆଯାଇଛି । ଉକ୍ତଠିକା ସଂସ୍ଥା ଦ୍ରବ ଓ ସେବା କରକୁ ମିଶାଇ ୮ କୋଟି ୪୦ ଲକ୍ଷ ଟଙ୍କା ରେ କାଯ୍ୟ କରିବା ପାଇ ଚୁକ୍ତି ବଦ୍ଧ ହୋଇ ଅଛି । ଏହି କାର୍ଯ୍ୟର ନିର୍ଦ୍ଧାରିତ ସମାପ୍ତ କରିବାର ଅବଧି ୬ ମାସ ଥିଲେ ମଧ୍ୟ ଉକ୍ତ ସଂସ୍ଥା ୪୫ ଦିନରେ ସମ୍ପନ୍ନ କରିବା ପାଇ ମୌଖିକ ପ୍ରତିଶ୍ରୁତି ଦେଇଛି । ସାଗର ପୁନଃ ଉଦ୍ଧାର ପାଇ ଜୟପୁର ବିଧାୟକ ତାରା ପ୍ରସାଦ ବାହୀନିପତି ବାର ବାର ଦାବି କରିବା ସହ ଦାବିକୁ ଗୁରୁତର ସହ ମୁଖ୍ୟମନ୍ତ୍ରୀ ରାଜ୍ୟ ସ୍ତରିୟ ପରବରେ ଯୋଗ ଦେଇ ସାଗରର ବିକାଶ ନେଇ ଘୋଷଣା କରିଥିଲେ । ଏହି କାର୍ଯ୍ୟକୁ ଉପ ଜିଲାପାଳଙ୍କ ନେତୃତ୍ୱରେ ରାସ୍ତା ଓ ଗୃହ ବିଭାଗ, ଇରିଗେସନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ପୌରପାଳିକା ଏହାର ତଦାରଖ କରୁଛନ୍ତି । ପଙ୍କ ଉଦ୍ଧାର ସହ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ହେବ । ନୂତନ ଡିପିଆର ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଉଛି । ବିଧାୟକ ବାହିନିପିତ ସାଗରର ବିକାଶ ପାଇଁ ବାରବାର ବିଧାନସଭାରେ ଦାବି କରିଥିଲେ । ସାଗରର ବିକାଶ ନିଶ୍ଚୟ ହେବ ବୋଲି ସେ ଜୟପୁର ବାସୀଙ୍କୁ ପ୍ରତିଶୃତି ଦେଇଥିଲେ । ଧିରେ ଧିରେ ଜଗନ୍ନାଥ ସାଗରର ରୁପ ରେଖ ବଦଳିବ, ପର୍ଯ୍ୟଟନ ସ୍ଥଳି ଭାବେ ଉଭା ହେବ । ସାଗରର ବିକାଶ ପାଇ ଟଙ୍କାର ଅଭାବ ରହିବ ନାହିଁ ବୋଲି ବିଧାୟକ ବାହୀନିପତି ସୂଚନା ଦେଇଛନ୍ତି । ଅତ୍ୟାଧୁନିକ ରୁପେ ସାଗରକୁ ପୁନଃ ଉଦ୍ଧାର କରାଯାଇ ନିର୍ମାଣ ହେବ । ଯାହାକି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳି ହେବ । ଏହାଦ୍ୱାରା ଜୟପୁର ର ମଧ୍ୟ ବିକାଶ ହେବ । ଏହାକୁ ପୁନଃ ଉଦ୍ଧାର କରିବା ପାଇ ବିଭିନ୍ନ ସଂଗଠନ ତରଫରୁ ଦାବୀ କରାଯାଇଥିଲା । କୋରାପୁଟ ଜିଲାପାଳ ଓ ଜୟପୁର ଉପ ଜିଲାପାଳ ଏହାର ତଦାରଖ କରୁଛନ୍ତି । ବର୍ତମାନ ପ୍ରଥମ ପଯ୍ୟାୟରେ ଜଗନ୍ନାଥ ସାଗର ୧୨୦ ଏକର କାର୍ଯ୍ୟ ହେବ ପରେ ଫିସେରି ବିଭାଗର ହୋଇଥିବା ଫିସେରି ଟ୍ୟାଙ୍କରେ କାର୍ଯ୍ୟ ହେବ । ପଙ୍କ ଲାଗି ପାଣି କମିଯାଉଛି । ତେଣୁ ପଙ୍କ ଉଦ୍ଧାର କରିବାକୁ ଗୁରୁତ୍ୱ ଦିଆଯିବ । ସାଗର ନିରଟରେ ରହିଥିବା ଜବରଦଖଲ ଉଚ୍ଛେଦ କରାଯିବ । ସମିକ୍ଷା ସମୟରେ ଜୟପୁର ଉପ ଜିଲାପାଳ ତଥା ପୌର କାଯ୍ୟ ନିବାହୀ ଅଧିକାରି ଆକା ବରମ ଶଶ୍ୟା ରେଡ୍ଡି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରି କୃତିବାସ ସାହୁ କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ଅପରେସନ ସିନ୍ଦୂରର ସଫଳତାକୁ ନେଇ ଧର୍ମଶାଳାରେ ତ୍ରିରଙ୍ଗା ଶୋଭାଯାତ୍ରା

ଧର୍ମଶାଳା,୧୯/୫(ନି. ପ୍ର): ଭାରତୀୟ ସେନାର ଅପରେସନ ସିନ୍ଦୁର ସଫଳତା ପରେ ସମଗ୍ର ଦେଶ ବୀର ଯବାନମାନଙ୍କ ମନୋବଳ ବଢ଼ାଇବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା କରୁଥିବା ବେଳେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାଠାରେ ଏକ ବିଶାଳ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି । ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଜାରକା ମହୋତ୍ସବ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ ଧ୍ୱନି ଦେବା ସହ ହିନ୍ଦୁସ୍ତାନ ଜିନ୍ଦାବାଦ ଓ ପାକିସ୍ତାନ ମୁର୍ଦାବାଦ ନାରାରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଏଥିସହ ସମସ୍ତେ ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇ ଥିଲେ । ଜାରକା ମହୋତ୍ସବ ପଡିଆରୁ ହଜାର ହଜାର ସଂଖ୍ୟାରେ ଲୋକେ ତ୍ରିରଙ୍ଗା ପତାକା ଧରି ବାହାରି ଗୋପବନ୍ଧୁ ଛକ ଦେଇ ଜେମାଶୁଣୀ ପର୍ଯ୍ୟନ୍ତ ଯାଇଥିଲେ । ସେଠାରୁ ଜାରକା ବଡ ବଜାର, ମେନ ମାର୍କେଟେ ଦେଇ ମହୋତ୍ସବ ପଡିଆରେ ପହଁଚିଥିଲେ ।ଏହି କାର୍ଯ୍ୟକ୍ରମରେ ବିଜେପି ନେତା କାହ୍ନୁ ଚରଣ ଦାଶ, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ପାଣ୍ଡବ ଧଳ, ଜିତେନ୍ଦ୍ର ରାଉତ, ଉପେନ୍ଦ୍ର କୁମାର କର ସମେତ ହଜାର ହଜାର କର୍ମୀ, ସାଧାରଣ ନାଗରିକ ଓ ବିଭିନ୍ନ ସ୍କୁଲ ଓ କଲେଜର ସ୍କାଉଟ ଓ ଏନସିସି କ୍ୟାଡେଟର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ବୀର ଯବାନ ମାନଙ୍କ ଅବଦାନକୁ ଭୁଲି ହେବ ନାହିଁ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ରାଜେଶ ପାଳ, ରାଜେଶ ନାୟକ, ଲୋକନାଥ ପଲେଇ, ଗୌତମ ସାହୁ, ଅଂଶୁମାନ ରଥ ଓ ସୁଦାମ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୧୯/୫(ନି. ପ୍ର): ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ ମାଲପଡା ସ୍ଥିତ କାର୍ଯ୍ୟାଳୟ ଠାରେ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ସଭାପତି ପ୍ରଫେସର ମିଶ୍ର ନବ ମନୋନିତ କାର୍ଯ୍ୟକାରିଣୀ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇବା ପରେ ସଂପାଦକ ବିମଳ ଚକ୍ରବର୍ତି ଗତ ସାଧାରଣ ସଭାର ବିବରଣୀ ପାଠ କରିଥିଲେ ଏବଂ କୋଷାଧକ୍ଷ ଅଶୋକ ଚାନ୍ଦ ଆୟବ୍ୟୟର ହିସାବ ରଖିଥିଲେ । ସଭ୍ୟ ଗୋପବନ୍ଧୁ ପୁରୋହିତ, ପ୍ରଭାକର ମିଶ୍ର, ଶିବ ନାରାୟଣ ରଥ, ଉପ-ସଭାପତି ଅନନ୍ତ ବିଶୋଇ, ପ୍ରବକ୍ତା ରତୁରାଜ ସିଂ, ମନୋରଂଜନ ପୁରୋହିତ ପ୍ରମୁଖ ଲିଫ୍ଟ କାମକୁ ତ୍ୱରାନ୍ୱିତ କରିବା, ଦିଲ୍ଲୀ ବା ପ୍ରୟାଗରାଜ କୁ ଏକ ସିଧାସଳଖ ଟ୍ରେନର ବ୍ୟବସ୍ଥା, ଭୁବନେଶ୍ୱର କୁ ସୋନପୁର କିମ୍ବା ବଲାଙ୍ଗିର ରୁ ପ୍ରତ୍ୟେକ ଦିନ ସକାଳୁ ଯାଇ ଫେରିଆସିବା ପରି ଏକ ଟ୍ରେନ ର ସୁବିଧା କିମ୍ବା ସମ୍ବଲପୁର-ପୁରୀ ଇଂଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବଲାଙ୍ଗିର ଷ୍ଟେସନ ଏନ୍‌ଏସ୍‌ଜି-୩ କୁ ଉନ୍ନିତ ହୋଇଛି ତାହାର ତିଳେମାତ୍ର ସୁବିଧା ଯାତ୍ରୀମାନେ ପାଉ ନାହାନ୍ତି କିନ୍ତୁ ମଟର ସାଇକେଲ ଷ୍ଟେଣ୍ଡରେ ବିନା ଛାଉଣି, ବିନା ସିସି ଟିଭି ଓ ବିନା କମ୍ପ୍ୟୁଟରାଇଜ ରସିଦ ରେ ମନଇଛା ବହୁତ ଟଙ୍କା ନେଇ ଯାତ୍ରୀମାନଙ୍କୁ ଶୋଷଣ କରୁଥିବା ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟାନ୍ୟ ସଭ୍ୟ ମୋତିଲାଲ ସାହୁ, ନରେନ୍ଦ୍ର କବାଟ, ଦିବାକର ହୋତା, ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଛନ୍ତି । ଏହିପରି ଯାତ୍ରୀ ଶୋଷଣ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ତିବ୍ରତର ହେବ ବୋଲି ସଭ୍ୟମାନେ ମତପ୍ରକାଶ କରିଛନ୍ତି । ଶେଷରେ ଯୁଗ୍ମ ସଂପାଦକ ଇଂ.ହିତେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ଚାନ୍ଦବାଲି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଭଦ୍ରକ,୧୯/୫(ନି. ପ୍ର): ଭଦ୍ରକ ଜିଲ୍ଲା ଚାନ୍ଦବାଲି ରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳେ ପାଂଚ ପଡ଼ା ରାଧାକୃଷ୍ଣ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସମଗ୍ର ଚାନ୍ଦବାଲି ଅଂଚଳ ପରିକ୍ରମା କରିବା ପରେ ମଧୁବାବୁ ଛକ ନିକଟରେ ପହଂଚି ଥିବା ଦେଖିବାକୁ ମିଳିଛି । ଉକ୍ତ କାର୍ଯ୍ୟକ୍ରମ ରେ ଚାନ୍ଦବାଲି ଅଂଚଳ ର ବୁଦ୍ଧିଜୀବୀ, ଆଇନଜୀବୀ ଙ୍କ ସମେତ ସାଧାରଣ ଲୋକେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ଅପରେସନ ସିନ୍ଦୂର ରେ ଭାରତୀୟ ଯବାନ ମାନେ ଯେପରି ସ୍ୱାଗତ ଯୋଗ୍ୟ ପଦକ୍ଷେପ ନେଇଛନ୍ତି ଭାରତୀୟ ବୀର ଯବାନ ମାନଙ୍କୁ ସଲାମ କରିବା ସହିତ ମନବଳ ଦୃଢ଼ କରିବା ପାଇଁ ଆଜି ଚାନ୍ଦବାଲି ନଗର ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ସହିତ,ମତୋ ଗ୍ରାମ ପଂଚାୟତ ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି ।

# ପକ୍ଷୀମାନଙ୍କ ପାଇଁ ଜଳ ଠେକି ବ୍ୟବସ୍ଥା କଲେ ପ୍ରକୃତିବନ୍ଧୁ ତ୍ରିଲୋଚନ

ଘଟଗାଁ ,୧୯/୫(ନି. ପ୍ର): ଆନନ୍ଦପୁର ପୌରପରିଷଦର ବିଭିନ୍ନ ଅଂଚଳରେ ଚଢ଼େଇ ମାନଙ୍କ ପାଇଁ ପାଣି ଭର୍ତ୍ତି ଢେକି ବ୍ୟବସ୍ଥା ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ କରିଛନ୍ତି । ଦିନକୁ ଦିନ ଖରା ବଢୁଥିବା ଅବସ୍ଥାରେ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଏବଂ ପକ୍ଷୀମାନେ ପାଣି ଅଭାବରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଖରାଦିନେ ଜଳାଭାବ ପାଇଁ ଅନେକ ପକ୍ଷୀଙ୍କର ଜୀବନ ଯାଉଥିବାର ନଜିର ଅଛି । ଏହି ସମସ୍ୟାକୁ ସମାଧାନ କରିବାକୁ ଯାଇ ସମାଜସେବୀ ତ୍ରିଲୋଚନ ସାହୁ ଆନନ୍ଦପୁର ପୌରପରିଷଦର ବିଭିନ୍ନ ସ୍ଥାନ ଯଥା ଶାଳବଣି ଛକ, ମୋଚିନ୍ଦା ଛକ -'କୀରପୁର ରାସ୍ତା, ଘଷିପୁରା, 'କୀରପୁର, ଇରିଆ, ଜଅଁରା, ଝଡେଶ୍ୱର ନଦୀ ଘାଟ ଓ ବ୍ରିଜ୍ ଛକ ଆଦି ବିଭିନ୍ନ ସ୍ଥାନ ମାନଙ୍କରେ ପକ୍ଷୀ ମାନଙ୍କ ଉଦ୍ଦେଶ୍ୟରେ ଜଳ ଭର୍ତ୍ତି ଠେକି ବାନ୍ଧି ଥିଲେ । ଆଗାମୀ ଦିନରେ ଆନନ୍ଦପୁର ପୌରପରିଷଦର ଅନ୍ୟାନ୍ୟ ସ୍ଥାନରେ ଜଳଭର୍ତ୍ତି ଠେକି ବାନ୍ଧିବେ ବୋଲି ସୂଚନା ଦେଇଛନ୍ତି । ପ୍ରତ୍ୟେକ ସପ୍ତାହରେ ପାଣି ଦେବା, ପକ୍ଷୀ ମାନଙ୍କ ସୁରକ୍ଷା ଏବଂ କାଉ ବଂଶ ବୃଦ୍ଧି ପାଇଁ ବିଭିନ୍ନ ଅଭିନବ ପନ୍ଥା ଅବଲମ୍ବନ କରି ସୁରକ୍ଷା କରିବେ ବୋଲି କହିଛନ୍ତି । ମୋଚିନ୍ଦା ଛକ-'କୀରପୁର ରାସ୍ତାରେ ସକାଳ ଓଳି କେତେକ କାଉ ଦେଖାଯାଉଥିବା ବେଳେ ଏହି କାଉ ମାନଙ୍କର ସୁରକ୍ଷା ପାଇଁ ବିଭିନ୍ନ କାମ କରିବେ ବୋଲି ଶ୍ରୀ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ରାଜ୍ କିଶୋର ବାରିକ୍, ପ୍ରସନ୍ନ ନାହାକ, ରଞ୍ଜିତ ନାୟକ, ସରୋଜ କୁମାର ସାହୁ ଓ ମନୋଜ କୁମାର ସାହୁ ସହଯୋଗ କରିଥଲେ ।

# ରାସ୍ତା ମଝିରେ ଗର୍ତ୍ତ: ଦବିଲାଣି ରେବ ନଦୀ ପୋଲର ଦୁଇ ମୁଣ୍ଡ, ଯାତାୟାତ ହେଲାଣି ଅସମ୍ଭବ

ଭଦ୍ରକ,୧୯/୫(ନି. ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଝାଟିଆ ସାହିଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତାଟି ବ୍ଲକର ଏକ ଅତ୍ୟନ୍ତ ବ୍ୟସ୍ତବହୁଳ ରାସ୍ତା ଅଟେ । ଦୀର୍ଘଦିନ ଧରି ଏହି ରାସ୍ତା ବିପଦସଂକୁଳ ଅବସ୍ଥାରେ ଥିଲା । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ଦୃଷ୍ଟି ପଡ଼ି ୭.୧୦କିମି ରାସ୍ତାର ନିର୍ମାଣ କାର୍ଯ୍ୟ ୨ ବର୍ଷ ଧରି ସରିଲାଣି । ମାତ୍ର ଏହି ରାସ୍ତାର ଅବସ୍ଥା କୁ ଦେଖି ଯେ କେହି ବି ବ୍ୟାପକଦୁର୍ନୀତିର ଗନ୍ଧ ବାରି କରି ପାରିବ ଓ କୋଟି କୋଟି ଟଙ୍କା ଅନୁଦାନ ବ୍ୟୟରେ ନିର୍ମାଣ ହେଇଥିବା ଏହି ରାସ୍ତା ଟି ଖାଲ ଢିପ ଓ ଗର୍ତ ରେ ପରିପୂର୍ଣ୍ଣ ହୋଇ ଗଲାଣି । ନିଜ ମନମାନିରେ ଠିକାଦାର ପ୍ରଶାସନିକ ଅଧିକାରୀଙ୍କ ସଲାସୁତରାରେ ଯେନତେନ ପ୍ରକାରେ କାମଚଳା କାମ କରି ସରକାରୀ ଅର୍ଥକୁ ହଡ଼ପ କରି ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି । ବିଭିନ୍ନ ସ୍ଥାନ ତଥା ମଙ୍ଗଳ ପୁର ରେ ବଡ ଗର୍ତ ସହ ରେବ ନଦିର ପୋଲର ଦୁଇ ପାର୍ଶ୍ୱ,ଦୁଇ ଫୁଟ ଲେଖା ଦବିବା ସହିତ ନିକଟ ରାସ୍ତା ଓ କୋରୂଆ କେନାଲ ଦବି ଯାଇଛି, ସେହିପରି ବହୁ ସ୍ଥାନ ରେ ନିମ୍ନ ମାନର ଚିପ୍ସ, ମେଂଟାଲ, ପିଚୁ ବ୍ୟବହାର କରାଯାଇ ଥିବାରୁ ରାସ୍ତା ର ଦୂରାବସ୍ଥା ନ କହିବା ଭଲ ।ରାସ୍ତାରେ ପଥର ଗୁଣ୍ଡ ପଡ଼ିଥିବା ହେତୁ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି । ଧୂଳି ଉଡ଼ିବା ଦ୍ୱାରା ରାସ୍ତାରେ ଯାଉଥିବା ସମସ୍ତ ସ୍କୁଲ ପିଲାଠାରୁ ଆରମ୍ଭ କରି କଲେଜ ପିଲା ପର୍ଯ୍ୟନ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଠିକାଦାର ରାସ୍ତାରେ ପାଣି ପକାଉ ନାହାନ୍ତି । ଫଳରେ ଧୂଳି ଧୂଆଁରେ ଆଖପାଖ ଅଂଚଳ ପରିପୂର୍ଣ ହୋଇଯାଉଛି ଓ ଏଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।ବିଭାଗୀୟ ଉପଖଣ୍ଡ ଅଧିକାରୀ ରଞ୍ଜନ କୁମାର ବେହେରା ଙ୍କୁ ପଚାରିବାରୁ ସେ କହିଲେ ଖୁବ୍ ଶୀଘ୍ର ଏଥିପାଇଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଶ୍ରମିକ ବିରୋଧୀ ଶ୍ରମ କୋର୍ଡକୁ ବିରୋଧ କରି ଆଜି ଭଦ୍ରକରେ ସାଧାରଣ ସଭା ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ,୧୯/୫(ନି. ପ୍ର): ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କର, ସମସ୍ତ ଠିକା, ସ୍କିମ , ଅସଂଗଠିତ ଶ୍ରମିକ ମାନଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା ଘୋଷଣା କର, କାର୍ଯ୍ୟକ୍ଷେତ୍ରରେ ଠିକା ଶ୍ରମିକ, ବହିରାଗତ ଶ୍ରମିକ, ସ୍କିମ ଶ୍ରମିକ ବ୍ୟବସ୍ଥା ପ୍ରତ୍ୟାହାର କରି ସମାନ କାମକୁ ସମାନ ମଜୁରୀ ପ୍ରଦାନ କର, ସମ୍ବିଧାନର ମୌଳିକତା ଉପରେ ଆକ୍ରମଣ ବଂଦ କର, ଦଳିତ,ଆଦିବାସୀ ଓ ସଂଖ୍ୟାଲଘୁ ମାନଙ୍କ ଉପରେ ଆକ୍ରମଣ ବଂଦ କର, ଦେଶର ସଂଘୀୟ ବ୍ୟବସ୍ଥା ର ସୁରକ୍ଷା ସହ ଧର୍ମୀୟ କ୍ଷେତ୍ରରେ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖ, ନୂତନ ଶିକ୍ଷାଆଇନ-୨୦୨୦ ବାତିଲ କର, ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଅ, ଅତ୍ୟାବଶ୍ୟକ ସାମଗ୍ରୀ ର ଦର କମାଅ, ମୋଦି ସରକାର ଜାତୀୟ ସଂପତି ବିକ୍ରି ବଂଦ କର ଆଦି ଦାବି ନେଇ ଆସନ୍ତା ଜୁଲାଇ ୯ ତାରିଖରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ । ଏହି ସାଧାରଣ ଧର୍ମଘଟ କୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଆସନ୍ତା ମେ , ୨୦ ତାରିଖରେ ଭଦ୍ରକ କଚେରୀ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ । ଏହି ସାଧାରଣ ସଭାକୁ ସଫଳ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ବରିଷ୍ଠ ଚାଷୀ ନେତା ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଭଦ୍ରକ ଜାନକୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ତଥା ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଏଆଇଟିୟୁସି ରାଜ୍ୟ କମିଟି ସଭ୍ୟ ରମେଶ ଯେନା, ଏଆଇସିସିଟିୟୁ ଜିଲ୍ଲା ସଂପାଦକ ସମର ବଳ, ଏଆଇୟୁଟିୟୁସି ଜିଲ୍ଲା ସଂପାଦକ ରାମଚନ୍ଦ୍ର ଶଙ୍ଖୁଆ,ଏଆଇଏଫଟିୟୁ ଜିଲ୍ଲା ସଂପାଦକ ସୁଶାନ୍ତ ଜେନା, ଏଚ୍ ଏମ୍ ଏସ୍ ଜିଲ୍ଲା ସହ ସଂପାଦକ ନାସିରୁଦ୍ଦିନ ଖାନ୍, ନବନିର୍ମାଣ ଯୁବ ଛାତ୍ର ସଂଗଠକ ଜାହିର ଖାନ୍, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ସିଆଇଟିୟୁ ଜିଲ୍ଲା ଉପସଭାପତି ରାଧାନାଥ ଦାସ , ଉତର ଓଡିଶା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଭଦ୍ରକ ଜିଲ୍ଲା ସଂପାଦକ ଅଗଣି ଚରଣ ଜେନା, ବରିଷ୍ଠ ବାମପନ୍ଥୀ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାସ୍କେଟବଲ୍ ଖେଳର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ,୧୯/୫(ନି. ପ୍ର): ପ୍ରତି ବର୍ଷ ପରି ଭଦ୍ରକ ବାସ୍କେଟବଲ ଏକାଡେମୀ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ବାସ୍କେଟ ବଲ ଖେଳର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର କୋଚ୍ ମନୋଜ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ର ବାସ୍କେଟ ବଲ୍ କୋର୍ଟ ରେ ଉଦଯାପିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିର ଟି ୪ ମଇ ରୁ ଆରମ୍ଭ ହେଇଥିଲା, ଦିର୍ଘ ୧୫ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଟି କୋଚ୍ ମନୋଜ କୁମାର ସାହୁ ଙ୍କ ତତ୍ତ୍ୱାବଧାନ ରେ ୧୮ ମଇ ରବିବାର ରେ ସମାପ୍ତ ଘଟିଛି । ଏହି ଶିବିର ରେ ବିଭିନ୍ନ ବ୍ଲକ ରୁ ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୁ ପ୍ରାୟ ୪୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସମାପନ ଉତ୍ସବ ରେ ଅତିଥି ଭାବରେ ଭଦ୍ରକ ଜିଲ୍ଲା ର ଅଫିସର ଇନ୍ ସ୍ପେଶାଲ୍ ଡ୍ୟୁଟି (କ୍ରିଡା ଅଧିକାରୀ) ରମେଶ ଚନ୍ଦ୍ର ମହାନ୍ତି , ବରିଷ୍ଠ ଶାରୀରିକ କ୍ରିଡା ଶିକ୍ଷକ ସଚିକାନ୍ତ ପଣ୍ଡା , ଅବସର ପ୍ରାପ୍ତ ଆଇ ପି ଇ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀ ଙ୍କୁ ମାନପତ୍ର ପ୍ରଦାନ କରି ତାଙ୍କର ମନୋବଳ ଦୃଢ଼ କରିବା ସହିତ ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହ ଦେଇଥିଲେ ।

# ଆପଣଙ୍କ ପିଲା କିପରି ବନ୍ଧୁ ତିଆରି କରିପାରିବେ ଏହି ୫ଟି ଉପାୟରେ ଶିଖାନ୍ତୁ

ମାନସିକ ସ୍ୱାସ୍ଥ୍ୟ ପାଇଁ ସାମାଜିକ ଦକ୍ଷତା ବୃଦ୍ଧି କରିବା ଆଜି ଏକ ଆବଶ୍ୟକତା ପାଲଟିଯାଇଛି। ତେବେ ପିଲାଦିନରୁ ହିଁ ଏହାକୁ ଶିଖାଇବା ଜରୁରୀ। ତେବେ ପିଲାମାନେ କିପରି ଅନ୍ୟମାନଙ୍କ ସହ ମିଶିବେ ସେନେଇ କେତେକ ଟିପ୍ସ ଜାଣିନେବା ଜରୁରୀ।

ମାନସିକ ସ୍ୱାସ୍ଥ୍ୟ ପାଇଁ ସାମାଜିକ ଦକ୍ଷତା ବୃଦ୍ଧି କରିବା ଆଜି ଏକ ଆବଶ୍ୟକତା ପାଲଟିଯାଇଛି। ତେବେ ପିଲାଦିନରୁ ହିଁ ଏହାକୁ ଶିଖାଇବା ଜରୁରୀ। ଯେତେବେଳେ ପିଲାମାନେ ସେମାନଙ୍କର ବାପାମାଆଙ୍କୁ ଲୋକମାନଙ୍କ ସହିତ ମିଳାମିଶା କରିବା ଦେଖନ୍ତି, ସେମନେ ବନ୍ଧୁତା କରିବାର ମହତ୍ତ୍ୱ ବୁଝନ୍ତି ଆଉ ସେମାନେ ମଧ୍ୟ ବନ୍ଧୁତା ସ୍ଥାପନ କରିବାକୁ ଚେଷ୍ଟା କରନ୍ତି ଏବଂ ସେମାନଙ୍କ ବୟସର ପିଲାମାନଙ୍କ ସହିତ ବନ୍ଧୁତ୍ୱର ହାତ ବଢାନ୍ତି।

ବାସ୍ତବରେ, ଅନେକ ଥର ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଅତ୍ୟଧିକ ସୁରକ୍ଷିତ ରଖନ୍ତି ଏବଂ ସେମାନଙ୍କୁ କୁଆଡେ ଏକୁଟିଆ ଛାଡନ୍ତି ନାହିଁ କି ସେମାନଙ୍କୁ ନିଜ ବୟସର ପିଲାମାନଙ୍କ ସହିତ ମିଶିବାକୁ ଦିଅନ୍ତି ନାହିଁ। ବିଦ୍ୟାଳୟ ଛଡା ସେମାନେ ଘରେ ମଧ୍ୟ ସମସ୍ତ ଟ୍ୟୁସନ ଦେବାର ବ୍ୟବସ୍ଥା କରନ୍ତି।

ଏପରି ପରିସ୍ଥିତିରେ, ପିଲାମାନେ ସାମାଜିକ ହେବାକୁ ଅସମର୍ଥ ଏବଂ ଅନ୍ୟମାନଙ୍କ ସହିତ ମିଶିବାକୁ ଲଜ୍ଜା ଅନୁଭବ କରିବା ଆରମ୍ଭ କରନ୍ତି। ଏହିପରି ପିଲାମାନଙ୍କୁ ଜୀବନସାରା ବନ୍ଧୁତା କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଏହିପରି ପରିସ୍ଥିତିକୁ ଏଡାଇବା ପାଇଁ ବାପାମାଆମାନଙ୍କ ପାଇଁ ପିଲାମାନଙ୍କୁ ବନ୍ଧୁତା ଶିଖାଇବା ଜରୁରୀ ଅଟେ। ତେବେ ପିଲାମାନେ କିପରି ଅନ୍ୟମାନଙ୍କ ସହ ମିଶିବେ ସେନେଇ କେତେକ ଟିପ୍ସ ଜାଣିନେବା।

***ବନ୍ଧୁତ୍ୱର ମହତ୍ତ୍ୱ କୁହନ୍ତୁ:***

ଛୋଟ ପିଲାମାନଙ୍କୁ ବନ୍ଧୁତ୍ୱର ମହତ୍ତ୍ୱ ବିଷୟରେ କୁହନ୍ତୁ ଏବଂ ସେମାନଙ୍କୁ ଶିକ୍ଷା ଦିଅନ୍ତୁ ଯେ ବନ୍ଧୁ ହେବା ଅର୍ଥ କେୟାର କରିବ, ଶେୟାର୍ କରିବା, ଜଣେ ଭଲ ଶ୍ରୋତା ହେବା ଏବଂ ଯଦି ବନ୍ଧୁ ଦୁଃଖ କିମ୍ବା କଷ୍ଟରେ ଥାଆନ୍ତି ତେବେ ତାଙ୍କୁ ଭଲ କରିବାକୁ ଚେଷ୍ଟା କରିବା।

***ବନ୍ଧୁମାନଙ୍କ ସହ ଭଲ ବ୍ୟବହାର:***

ବାପାମାଆମାନେ ପିଲାମାନଙ୍କ ପାଇଁ ସର୍ବୋତ୍ତମ ଆଦର୍ଶ ଅଟନ୍ତି, ତେଣୁ ଆପଣଙ୍କର ପିଲାମାନଙ୍କୁ କୁହନ୍ତୁ ଯେ ଆପଣଙ୍କର ବନ୍ଧୁ କିପରି ଆପଣଙ୍କର



ସମସ୍ୟାର ସମାଧାନ କରିଛନ୍ତି, ଆପଣଙ୍କର ଜିନିଷଗୁଡ଼ିକର ଯତ୍ନ ନେଇଛନ୍ତି ଏବଂ ଆପଣ ଆପଣଙ୍କର ସାଙ୍ଗମାନଙ୍କ ପାଇଁ କେତେ ଧ୍ୟାନ ଦିଅନ୍ତି।

***ମିଳାମିଶା ଜରୁରୀ:***

ପିଲାମାନଙ୍କୁ ସେମାନଙ୍କ ସାଙ୍ଗମାନଙ୍କ ସହିତ କିଛି ସମୟ କାଟିବାକୁ ସୁଯୋଗ ଦିଅନ୍ତୁ। ଯଦି ପିଲା ପାର୍କ କିମ୍ବା ଗ୍ରାଉଣ୍ଡରେ ତାଙ୍କର କୌଣସି ସାଙ୍ଗଙ୍କୁ ଭେଟିବାକୁ ଚାହାଁନ୍ତି, ତେବେ ତାଙ୍କୁ ଉତ୍ସାହିତ କରନ୍ତୁ ଏବଂ ତାଙ୍କ ବୟସର ସାଙ୍ଗମାନଙ୍କ ସହ ଖେଳାଖେଳି କରିବାକୁ ସୁଯୋଗ ଦିଅନ୍ତୁ।

***ନୂଆ ବନ୍ଧୁ କରିବା ଶିଖାନ୍ତୁ:***

ଆପଣ ନିଜ ପିଲାମାନଙ୍କୁ କହିପାରିବେ ଯେ ଯେତେବେଳେ ବି କାହାକୁ ଭେଟିବେ ହସି ହସି ମିଶିବେ ଏବଂ ବିନା ସଂକୋଚରେ ନିଜ ନାଁ ପ୍ରକାଶ କରିବେ। ସେମାନେ କିପରି ସେମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବେ ଏବଂ ତାଙ୍କୁ ନିଜ ଘରକୁ କିମ୍ବା ଖେଳ ସ୍ଥାନକୁ ନିମନ୍ତ୍ରଣ କରିବେ କୁହନ୍ତୁ।


***ଶେୟାରିଂ ଏବଂ କେୟାରିଂ ଶିଖାନ୍ତୁ:***

ଘରେ ପିଲାମାନଙ୍କୁ ଶେୟାରିଂ ଶିଖାଇବା ଜରୁରୀ। ଏହିପରି ଭାବରେ, ପିଲାଙ୍କୁ ତାଙ୍କର ଖେଳନା, ପୁସ୍ତକ ଇତ୍ୟାଦି ଶେୟାର କରିବାର ମହତ୍ତ୍ୱ କୁହନ୍ତୁ ଏବଂ ସେମାନଙ୍କୁ ନିଜ ଭାବନା ଉପରେ ନିୟନ୍ତ୍ରଣ କରିବାକୁ ଶିଖାନ୍ତୁ।

# ପ୍ରତିଦିନ ଖଜୁରି ଖାଉଛନ୍ତି କି ? ଓଜନ ବୃଦ୍ଧିର ହୋଇପାରେ କାରଣ...

ଶରୀରକୁ ସୁସ୍ଥ ରଖିବାକୁ ଆମେ ଅନେକ ଚେଷ୍ଟା କରୁ । ଏଥିପାଇଁ ଭଲ ଖାଦ୍ୟ ମଧ୍ୟ ଖାଇଥାଉ । ଯାହା ଆମ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । କିନ୍ତୁ ଏପରି କିଛି ଖାଦ୍ୟ ରହିଛି ଯାହା ଶରୀର ପାଇଁ କିଛି ମାତ୍ରାରେ ଲାଭଦାୟକ ହୋଇଥିବା ବେଳେ କିଛି ମାତ୍ରାରେ ଖରାପ ମଧ୍ୟ କରିଥାଏ। ଏପରି ଏକ ଜିନିଷ ହେଉଛି ଖଜୁରୀ । ଯାହା ସ୍ୱାସ୍ଥ୍ୟ ପାଇଁ ବେଶ ଉପରକାରୀ । ଏଥିରେ ମ୍ୟାଗ୍ନେସିୟମ୍, ଭିଟାମିନ୍ କେ, କପର, ସେଲେନିୟମ୍, ପ୍ରୋଟିନ୍, ଫାଇବର ଭରପୁର ମାତ୍ରାରେ ରହିଥାଏ । ଖଜୁରୀ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ରକ୍ତଚାପକୁ ନିୟନ୍ତ୍ରଣ କରିବା, ମସ୍ତିଷ୍କ ଏବଂ ହାଡକୁ ମଜବୁତ କରିବାରେ ଖୁବ ଲାଭଦାୟକ ଅଟେ ।

ଖଜୁରୀରେ ପୋଷକ ତତ୍ତ୍ୱ ସହିତ କ୍ୟାଲୋରି ବି ବହୁତ ମାତ୍ରାରେ




ରହିଥାଏ। ଅର୍ଥାତ୍ ୧୦୦ ଗ୍ରାମ ଖଜୁରୀରେ ୨୭୭ କ୍ୟାଲୋରୀ ମିଳିଥାଏ । ଖଜୁରୀରେ ଅଧିକ ମାତ୍ରାରେ କ୍ୟାଲୋରୀ ରହିଥାଏ, ଯାହା ଶରୀରର ଓଜନ ବୃଦ୍ଧିର କାରଣ ହୋଇପାରେ । ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢିଥାଏ। ଯଦି ପ୍ରତିଦିନ ଖଜୁରୀ ଖାଉଛନ୍ତି, ତେବେ ଦିନକୁ ଦୁଇଟି ଖଜୁରୀ ଖାଆନ୍ତୁ । ଏହା ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବ । କିନ୍ତୁ ଯଦି ଓଜନ ବଢାଇବାକୁ ଚାହୁଁଛନ୍ତି ତେବେ ଦିନକୁ ୪ଟି ଖଜୁରୀ ଖାଇପାରିବେ । ଆପଣ ଖଜୁରୀକୁ ରାତିସାରା ପାଣିରେ ଭିଜାଇ ସକାଳେ ଖାଇପାରିବେ। କିନ୍ତୁ ଏହାକୁ ଖାଦ୍ୟ ଖାଇବାର ତୁରନ୍ତ ପରେ ଖାଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ତେଣୁ ଅଧିକ ଖଜୁରୀ ଖାଇବା ଠାରୁ ଦୂରେଇ ରହିବ ଉଚିତ୍ ।

# ପାଚିଲା ଭଣ୍ଡା ସହ ଖାଆନ୍ତୁନି ଏହି ସବୁ ଖାଦ୍ୟ, ଶରୀର ପାଇଁ ହୋଇପାରେ ବିପଦ !



ପାଚିଲା ଭଣ୍ଡା । ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । କିନ୍ତୁ ପାଚିଲା ଭଣ୍ଡା ଏହି ସବୁ ଜିନିଷ ଖାଇଲେ ହୋଇପାରେ ଘାତକ । ପାଚିଲା ଭଣ୍ଡା ସହ ଦହି ଖାଇବା ଶରୀର ପାଇଁ କ୍ଷତିକାରକ । ଏହା ଥଣ୍ଡା, କାଶ ହେବାର କାରଣ ହୋଇଥାଏ । ଏକାଠି ଖାଇବାକୁ ହେଲେ ୧ ଘଣ୍ଟାର ବ୍ୟବଧାନ ରଖନ୍ତୁ । ଭଣ୍ଡା ସହ କମଳା ଖାଇବା ବେଶ୍ ଖତରନାକ୍ । ପାଚିଲା ଭଣ୍ଡାର ସ୍ୱାଦ ମିଠା ଏବଂ କମଳାର ସ୍ୱାଦ ଖଟା । ଏହାକୁ ଖାଇଲେ ଡାଇରିଆ, ବଦହଜମୀ ହୋଇପାରେ । ପାଚିଲା ଭଣ୍ଡା ସହ କ୍ଷୀର ପିଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟାର ଦେଖା ଦେଇପାରେ । ଏକାଠି ଖାଇବାକୁ ହେଲେ ୩୦ ମିନିଟ୍‌ର ବ୍ୟବଧାନ ରଖିପାରିବେ । ପାଚିଲା ଭଣ୍ଡା ସହ କଲରା ଖାଇବା ଦେହ ପାଇଁ ଅତ୍ୟନ୍ତ ହାନୀକାରକ । ଭଣ୍ଡାରେ ପାଣି ଅଧିକ ଥିବାରୁ ଏହା ଶରୀରକୁ ହାଇଡ୍ରେଟ୍ କରିଥାଏ । କିନ୍ତୁ କଲରା ଶରୀରରୁ ପାଣି ଅବଶୋଷିତ କରିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ପାଚିଲା ଭଣ୍ଡା ସହ ଲେମ୍ବୁ ଦେହ ପାଇଁ ହାନୀକାରକ। ଏକାସଙ୍ଗେ ଏହାକୁ ଖାଇବା ଦ୍ୱାରା ଶରୀରର ପାଚନ ତନ୍ତ୍ର ଖରାପ ହୋଇଥାଏ । ଏପରିକି ରକ୍ତ ସମ୍ବନ୍ଧୀୟ ସମସ୍ୟା ବି ଏଥିରୁ ହୋଇଥାଏ । ଏଣୁ ଏହି ସବୁ ଜିନିଷକୁ ଏକାଠି ଖାଇବାଠାରୁ ଦୂରେଇ ରହିବା ଉଚିତ୍ ।



# ରସୁଣକୁ ତକିଆ ତଳେ ରଖି ଶୋଇଲେ ହୋଇଥାଏ ଖୁବ୍ ଲାଭ



ରସୁଣକୁ ସାଧାରଣତଃ ଆମେ ତରକାରୀ କିମ୍ବା ଆଚାରରେ ବ୍ୟବହାର କରୁ । ଏହା ଖାଦ୍ୟରେ ସ୍ୱାଦ ଆଣିବାରେ ଖୁବ୍ ସହାୟକ ହୋଇଥାଏ । କିନ୍ତୁ ଜାଣନ୍ତି କି ବିଭିନ୍ନ ରୋଗକୁ ରୋକିବା ସହାୟକ ହୋଇଥାଏ ରସୁଣ । ବିଶେଷଜ୍ଞଙ୍କ ଅନୁଯାୟୀ, ରସୁଣକୁ ତକିଆ ତଳେ ରଖି ଶୋଇଲେ ଏହା ଖୁବ୍ ଲାଭ ଦେଇଥାଏ । ଆସନ୍ତୁ ଜାଣିବା... ରାତିରେ ରସୁଣକୁ ମୁଣ୍ଡ ତଳେ ରଖି ଶୋଇଲେ ମସ୍ତିଷ୍କ ସୁସ୍ଥ ରହିଥାଏ । ଏହା ଚିନ୍ତା ଦୂର କରିବାରେ ସହାୟକ ହୋଇଥାଏ । ଏହାବ୍ୟତୀତ ଜୀବନରେ ନକାରାତ୍ମକ ଶକ୍ତି ଦୂର ହୋଇ ସକରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ । ବିଶେଷଜ୍ଞ ଅନୁଯାୟୀ ଶିରା ଏବଂ ଧମନୀ ସମସ୍ୟା ଥିବା ଲୋକମାନେ ରସୁଣ ବ୍ୟବହାର କଲେ ଭଲ । ରସୁଣ ହୃଦଘାତ ଓ ଯକୃତ ରୋଗରେ ଆକ୍ରାନ୍ତ ଲୋକଙ୍କ ପାଇଁ ଏକ ଉପଯୁକ୍ତ ଔଷଧ । ରସୁଣ ରକ୍ତକୁ ଶୁଦ୍ଧ କରିଥାଏ। ଧମନୀକୁ ସଫା ରଖେ। ଏହାବ୍ୟତୀତ ଗରମ କ୍ଷୀରରେ ରସୁଣକୁ ଛେଚି ପକାଇ ମହୁ ସହ ମିଶାଇ ପିଇଲେ ରାତିରେ ନିଜ ଭଲ ହୋଇଥାଏ । ବିପି ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ ରସୁଣ ।

# ବାପାମାଆଙ୍କର ଏହି ୪ଟି ଭୁଲ୍ ପିଲାମାନଙ୍କୁ କରିଦିଏ ଖରାପ; ଜାଣନ୍ତୁ ଏସବୁ କ'ଣ...

ପିଲାମାନଙ୍କର ଲାଳନ ପାଳନ ଉପାୟ ହିଁ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରେ, ନଚେତ ସେମାନଙ୍କୁ ନଷ୍ଟ କରିପାରେ। ବାପାମାଆଙ୍କ ଅଭ୍ୟାସ ଏବଂ ପିଲାମାନଙ୍କୁ ପ୍ରତିପୋଷଣର ତରିକା ହିଁ ପିଲାମାନଙ୍କ ଉପରେ ବହୁତ ପ୍ରଭାବ ପକାଇଥାଏ। ତେବେ ଆସନ୍ତୁ ବାପାମାଆଙ୍କ କେଉଁ ବ୍ୟବହାର ପିଲାମାନଙ୍କୁ ନଷ୍ଟ କରିବାରେ ସହାୟ ହୁଏ ସେ ବିଷୟରେ ଜାଣିନେବା।



ପ୍ରତ୍ୟେକ ପିଲା ସମାନ ନୁହନ୍ତି। କେହି କେହି ଉତ୍ତମ ବ୍ୟବହାର ଦେଖାଉଥିବା ବେଳେ ଆଉ କେହି ଖରାପ ବ୍ୟବହାର ମଧ୍ୟ ଦେଖାଇଥାନ୍ତି। ତେବେ ପିଲାମାନଙ୍କର ଲାଳନ ପାଳନ ଉପାୟ ହିଁ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରେ ନଚେତ ସେମାନଙ୍କୁ ନଷ୍ଟ କରିବାରେ ଏହା ମୁଖ୍ୟ କାରଣ ହେବ। ବାପାମାଆଙ୍କର ଅଭ୍ୟାସ ଏବଂ ପିଲାମାନଙ୍କୁ ପ୍ରତିପୋଷଣର ତରିକା ହିଁ ପିଲାମାନଙ୍କ ଉପରେ ବହୁତ ପ୍ରଭାବ ପକାଇଥାଏ। ବେଳେବେଳେ ପିଲା ମିଛ କହିବା ଅଭ୍ୟାସ, ପିଲାଟିର କିଛି କରିବାକୁ ମନା କରିବାର ଅଭ୍ୟାସ ଏବଂ ପିଲାଟିର ସବୁ କଥାରେ ଯୁକ୍ତିତର୍କ କରିବାର ଅଭ୍ୟାସ ମଧ୍ୟ ବାପାମାଆଙ୍କ ପାଳନରେ ହୋଇଥିବା ଭୁଲ ହେତୁ ହୋଇପାରେ। ତେବେ ଆସନ୍ତୁ ବାପାମାଆଙ୍କ କେଉଁ ବ୍ୟବହାର ପିଲାମାନଙ୍କୁ ନଷ୍ଟ କରିବାରେ ସହାୟ ହୁଏ ସେ ବିଷୟରେ ଜାଣିନେବା।

**ପିଲାମାନଙ୍କୁ ମିଛ କହିବା:**

ଅନେକ ସମୟରେ ଦେଖାଯାଏ ଯେ ବାପାମାଆମାନେ ଥଟ୍ଟା-ମଜା କରିବା ପାଇଁ କିମ୍ବା କାହା ସହିତ କୌଣସି ଝଗଡା ନ ହେବା ପାଇଁ ନିଜ ପିଲାମାନଙ୍କୁ ମିଛ କହିବା ଆରମ୍ଭ କରନ୍ତି। ପିଲାମାନେ ସେମାନଙ୍କର ବାପାମାଆଙ୍କର ଏହି ମିଛ କହିବାର ଅଭ୍ୟାସକୁ ଶୀଘ୍ର ଧରିଥାନ୍ତି ଏବଂ ନିଜେ ମଧ୍ୟ ମିଛ କହିବା ଆରମ୍ଭ କରନ୍ତି। ପ୍ରଥମେ ପ୍ରଥମେ ଏହି ମିଛଗୁଡ଼ିକ ଛୋଟକାଟିଆ ଏବଂ ପରେ ଏହା ବୃଦ୍ଧି ପାଇଥାଏ।



**ପିଲାମାନଙ୍କ ଭାବପ୍ରବଣତାକୁ ରୋକିବା:**

ଅନେକ ବାପାମାଆ ସେମାନଙ୍କ ପିଲାମାନଙ୍କୁ କୁହନ୍ତି ଯେ କାନ୍ଦିବା ଭଲ ନୁହେଁ କିମ୍ବା ସବୁବେଳେ ହସିବା ଠିକ୍ ନୁହେଁ କିମ୍ବା ଖରାପ ଲାଗିଲେ ବି ରାଗିବା ଉଚିତ ନୁହେଁ। ଏହିପରି କଥା ପିଲାମାନଙ୍କୁ ଗଭୀର ଭାବେ ଆଘାତ ଦେଇଥାଏ। ଏଭଳି କ୍ଷେତ୍ରରେ ପିଲାମାନେ ନିଜର ଭାବନାକୁ ବୁଝିବାକୁ ଅକ୍ଷମ ହୁଅନ୍ତି ଏବଂ ସେମାନଙ୍କର ଭାବପ୍ରବଣତାର ବିକାଶ ମଧ୍ୟ ଠିକ୍ ଭାବରେ ହୁଏ ନାହିଁ। ଏହିପରି ପିଲାମାନେ ମଧ୍ୟ ଅସମ୍ବେଦନଶୀଳ କିମ୍ବା ଅଧିକ ଭାବପ୍ରବଣ ହୋଇପାରନ୍ତି।

**ପିଲାମାନଙ୍କ ପାଇଁ ସମସ୍ତ ନିଷ୍ପତ୍ତି ନିଜେ ନେବା:**

ଯେତେବେଳେ ପିଲାମାନେ ବଡ ହୋଇଯାଆନ୍ତି, ବାପାମାଆ ଅଭିଯୋଗ କରନ୍ତି ଯେ ସେମାନେ କାହିଁକି ନିଜ ନିଷ୍ପତ୍ତି ନିଜେ ନ ନେବେ କିମ୍ବା ପିଲାମାନେ କାହିଁକି ସବୁ କଥାକୁ ନେଇ ଭୟଭୀତ। ଏମିତି ହେବାର ପ୍ରମୁଖ କାରଣ ଏହା ମଧ୍ୟ ହୋଇପାରେ ଯେ ବାପାମାଆମାନେ ସେମାନଙ୍କର ପିଲାମାନଙ୍କୁ ପିଲାଦିନରୁ କୌଣସି ନିଷ୍ପତ୍ତି ନେବାକୁ ଦିଅନ୍ତି ନାହିଁ। ଯେତେବେଳେ ଏଭଳି ସମୟ ଆସେ ପିଲାମାନେ କିଛି କରିବା ପୂର୍ବରୁ ଶହେ ଥର ଭାବନ୍ତି ଏବଂ କିଛି କରିବାକୁ ଭୟ କରନ୍ତି। ଏହି କାରଣରୁ, ପିଲାମାନଙ୍କର ସମସ୍ୟା ସମାଧାନ କୌଶଳ ବିକାଶ ହୋଇପାରେ ନାହିଁ।

**ପିଲାମାନଙ୍କ ସାମ୍ନାରେ ଝଗଡା କରିବା:**

ପ୍ରାୟ ବାପାମାଆମାନେ ଭାବନ୍ତି ଯେ ସେମାନଙ୍କ ପିଲାମାନଙ୍କ ସାମ୍ନାରେ ଟିକିଏ କଳି ଝଗଡା କରିବାରେ କୌଣସି କ୍ଷତି ନାହିଁ। କିନ୍ତୁ, ପିଲାମାନେ ଏହି କଳି ଝଗଡାରୁ ବହୁତ କିଛି ଶିଖନ୍ତି। ପିଲାମାନେ ସେମାନଙ୍କ ବାପାମାଆଙ୍କ ସହ ଯୁକ୍ତିତର୍କ କରିବା ଆରମ୍ଭ କରନ୍ତି ଏବଂ ସେମାନେ ଭାବନ୍ତି ଯେ ଏହିପରି ଯୁକ୍ତିତର୍କ କରିବାରେ କୌଣସି ଅସୁବିଧା ନାହିଁ କାରଣ ବାପାମାଆ ମଧ୍ୟ ପରସ୍ପର ସହ ଏମିତି ହୋଇଥାନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିକ୍ଷିତ ଦାଦନ: ଏକ ବେଦନା...

ବର୍ତ୍ତମାନ ସମୟର ଏକ ମାର୍ମିକ ସତ୍ୟ ଶିକ୍ଷିତ ଦାଦନ। ଯେଉଁଠି ଶିକ୍ଷା ହେଉଛି ଉନ୍ନତିର ପଥ, ତାହା ଆଜି ଦୁଃଖର ଅନ୍ୟ ଏକ ଅନୁଭବ ପାଲଟିଛି। ଓଡ଼ିଶାର ଅନେକ ଯୁବକଯୁବତୀ, ଯେଉଁମାନେ ଉଚ୍ଚଶିକ୍ଷା ଗ୍ରହଣ କରି ଆଶା ଓ ସ୍ୱପ୍ନ ସହ ଆଗକୁ ବଢ଼ିଛନ୍ତି, ସେମାନେ ଆଜି ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭଳି କାମ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଦୁଃଖଦ ଅବସ୍ଥା କେବଳ ରୋଜଗାର ଅଭାବ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା, ନୀତି ଓ ବୃହତ୍ତର ସାମାଜିକ ଦୃଷ୍ଟିଭଙ୍ଗୀର ଏକ ଅନୁପାତ ଛିଡ଼ା ହୋଇଛି। ଏହି ଲେଖା ମାଧ୍ୟମରେ ଆମେ ଏହି ନୂଆ ବେଦନାର ଗଭୀରତାକୁ ଅନୁଭବ କରିବାକୁ ଚେଷ୍ଟା କରିଛୁ, ଯେଉଁଠି ଶିକ୍ଷିତ ହେବା ସତ୍ତ୍ୱେ ମେହନତିଆ ଜୀବନ ହେଉଛି ଗତିର ସମାପ୍ତି। ସେହିମାନଙ୍କୁ ଶିକ୍ଷିତ ଦାଦନ କୁହାଯାଇପାରେ, ଯେଉଁମାନେ ପାଠ ତ ଅନେକ ପଢ଼ିଛନ୍ତି, କିନ୍ତୁ ଓଡ଼ିଶା ବାହାର ରାଜ୍ୟରେ ଯାଇ କେଇ ହଜାର ଟଙ୍କାରେ ଖଟୁଛନ୍ତି। କୁହାଯାଉଥିଲା ଓଡ଼ିଶାରେ ନିଯୁକ୍ତି ନାହିଁ ବୋଲି ଲୋକେ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିଲେ। କିନ୍ତୁ ବର୍ତ୍ତମାନ ପାଠ ପଢ଼ି ସାରିଲେ ମଧ୍ୟ ପିଲାଙ୍କ ବାସ୍ତବ ଚକ୍ଷୁ ଖୋଲୁ ନାହିଁ। ଏମାନଙ୍କ ଡିଗ୍ରୀର ଅନ୍ତିମ ବର୍ଷରେ ପ୍ଲେସମେଣ୍ଟ ଚାକିରି କରିଦେବା ନାଁରେ ସୁଟ୍ ବୁଟ୍ ଟାଇ ପିନ୍ଧାଇ ଏମାନଙ୍କୁ ଛୋଟିଆ ମୋଟିଆ କାମ ଧରେଇ ଦେଇ ବିଦା କରି ଦିଆଯାଉଛି ସୁରତ, ପୁନା, ଚେନ୍ନାଇ, ମୁମ୍ବାଇ ଭଳିଆ ସହରକୁ! ସେଠାରେ ଏମାନେ ପାଠ ପଢ଼ି ମଧ୍ୟ ବେଠି ଖଟିଲା ପରି କୋଉ କମ୍ପାନୀକୁ ନିଜର ବହୁମୂଲ୍ୟ ସମୟ ଦେଉଛନ୍ତି ଆଉ ପ୍ରତିବଦଳରେ ସେମାନେ ଧରେଇ ଦିଅନ୍ତି କେଇ ହଜାରେ ଟଙ୍କା। ଘରର ସ୍ୱପ୍ନକୁ ସାକାର କରିବା ପାଇଁ ଯାଉଥିବା ଛାତ୍ରଟିଏ ବୁଢ଼ୀଆଣି ଜାଲରେ ଛନ୍ଦି ହେଲା ପରି ବିଭିନ୍ନ ରାଜିନାମା ସ୍ୱାକ୍ଷର ମାଧ୍ୟମରେ ଜୀବନ ତମାମ ଶଢ଼ି ହୁଏ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ। ସବୁଠାରୁ ବଡ଼କଥା ହେଲା ସରକାରୀଠାରୁ ଆରମ୍ଭ କରି ବିଭିନ୍ନ ବେସରକାରୀ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କରେ ତାଲିମ୍ ଓ ନିଯୁକ୍ତି ନାଁ ରେ ବସିଥିବା କିଛି ବାବୁଙ୍କ ସହ କମ୍ପାନୀ ଅଧିକାରୀଙ୍କ ସଲାସୁତୁରା ହୋଇଯିବା ପରେ ଶ୍ରମିକ କାମ କରେଇବା ପାଇଁ ଧରି ନିଅନ୍ତି ଆମ ଓଡ଼ିଶାର ବହୁ ମେଧାବୀଙ୍କୁ। ଛାତ୍ରମାନଙ୍କୁ ମାନବଧିକାର ଆଉ ବିଭିନ୍ନ ସାମାଜିକ ବିଷୟରେ ଜ୍ଞାନ ପ୍ରଦାନ କରା ଯାଉ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ସେମାନେ ଯନ୍ତ୍ର ପରି ଖଟି ମଧ୍ୟ ସେଥିରୁ ଓହରି ପାରୁନାହାନ୍ତି। ଏକଦା ଡ. ବି ଆର ଆମ୍ବେଦକର କହିଥିଲେ ଯେ ଜଣେ ଶିକ୍ଷିତ ହିଁ ଏକ ଶିକ୍ଷିତ ସମାଜ ଗଢ଼ିପାରେ। ଏଇଠି କିନ୍ତୁ ଦେଖିବାକୁ ମିଳେ କିଛି ଓଲଟା। ଏଇଠି ଶିକ୍ଷିତ ହିଁ ଷଡ଼ଯନ୍ତ୍ର ରଚନା କରନ୍ତି ଆଉ ସେଥିରେ ଫସି ଯାଆନ୍ତି ନିରୀହ ଛାତ୍ରଛାତ୍ରୀମାନେ। ଏମାନଙ୍କୁ ବାସ୍ତବ ଶିକ୍ଷାରୁ ଦୂରେଇ ରଖିବା ଆଉ ନିଯୁକ୍ତିର ଲୋଭ ଦେଖାଇବା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶବିଶେଷ ପାଲଟିଯାଏ। ଜଣାଇ ଦିଆଯାଏନି ତୁମେ ପାଠ ପଢ଼ି ଆଇ ଏ ଏସ ହୁଅ, ପୁଲିସ୍ ହୁଅ, ସେନାବାହିନୀରେ ଯୋଗ ଦେଇ ଦେଶର ସେବା କର କି ନେତୃତ୍ୱ ନେଇ ରାଜ୍ୟରେ ବିକାଶ କର। ସେମାନଙ୍କୁ ମଧ୍ୟ କୁହାଯାଏନି ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆମ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୁଅ। କେବଳ ଏମାନଙ୍କୁ ଶିଖାଇ ଦିଆଯାଏ ତୁମେ ବେଠି ଖଟ ଓ ଚାକିରି କର। ଉଦ୍ୟୋଗୀ ହେବା ତ ଦୂରର କଥା ସେମାନଙ୍କୁ ଏତେ ଦୁର୍ବଳ କରେଇ ଦିଆ ଯାଇଥାଏ ଯେ ସେମାନେ ନିଜର ସକ୍ଷମତା ପାଇଁ ମଧ୍ୟ କଥା କହି ପାରନ୍ତି ନାହିଁ। ଶିକ୍ଷାର ବାସ୍ତବ ଅର୍ଥ ବୁଝିଲା ବେଳକୁ ହେଇ ଯାଇଥାଏ ଅନେକ ବିଳମ୍ବ। କିଛିଜଣ ବାଧ୍ୟ ହୁଅନ୍ତି ଦାଦନ ହେବାକୁ। ଘରର ଦାୟିତ୍ୱ, ଭଉଣୀର ବାହାଘର, ପରିବାରର ବୟସ୍କଙ୍କ ଔଷଧ – ଏମିତି ଅନେକ ଖର୍ଚ୍ଚରେ ବୁଡ଼ି ଶିକ୍ଷିତ ଯୁବକଟିଏ ଜାଣିଶୁଣି ବାଛିନିଏ ଦାଦନ ଖଟିବାକୁ। ଆମ ଓଡ଼ିଶାରେ ଖଣି ପାଣିର ଅଭାବ ନାହିଁ। ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଗଣ୍ଡାକୁ ଗଣ୍ଡା। କିନ୍ତୁ ଶିଳ୍ପ ଖୋଲୁ ନାହିଁ। ଯଦି ଗୋଟେ କମ୍ପାନୀ ଆସିଲା ତେବେ ତା'କୁ ନେଇ ମଧ୍ୟ ରାଜନୀତିର ଅଙ୍କକଷା ଥମୁନି। ତେଣୁ ଏହି ବ୍ୟବସ୍ଥାରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାମିଲ୍ ଅଛନ୍ତି। ଶିକ୍ଷିତ ଦାଦନର ଏହି ଯନ୍ତ୍ରଣା ତଳେ ଚିତ୍କାର କରୁଛି ଯୁବପିଢ଼ି, ଯାହା ଶିକ୍ଷା ନାଁରେ କେବଳ ଶୂନ୍ୟସମ୍ମାନ ଓ ନିରାଶା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ଦରକାର ଏକ ବାସ୍ତବିକ ନୀତି, ଶକ୍ତିଶାଳୀ ଶିକ୍ଷା ଏବଂ ଉଦ୍ୟୋଗ ସୃଷ୍ଟି ପ୍ରତି ପ୍ରାମାଣିକ ପଦକ୍ଷେପ। ଯାହାକୁ ଚାହିଁ ବସିଛନ୍ତି ଅନେକ ଓଡ଼ିଆ ପୁଅଝିଅ, ଯେଉଁମାନେ ଏବେ ବି ଶିକୁଳିରେ ବେଢ଼ି ପକେଇ ଶିକ୍ଷିତ ଦାଦନର ସଂଜ୍ଞା ନିଭାଉଛନ୍ତି।

# କବି କଣ୍ଠେ ଶ୍ରୀଜଗନ୍ନାଥ 'ନାମ ଜଗନ୍ନାଥ ଶ୍ରୀମୁଖ କଳା'

**ପୁଷ୍ପମିତ୍ର ମହାପାତ୍ର**

ଅନନ୍ତ କାଳରୁ ଭାରତୀୟ ଆଧାତ୍ମିକ ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ମହିମା ଅନନ୍ତ ରୂପରେ କୀର୍ତ୍ତିତ ହୋଇ ଆସିଅଛି। ମହାପ୍ରଭୁଙ୍କ ଭକ୍ତ ବତ୍ସଳତା ଓ ଜନପ୍ରିୟତା ସାହିତ୍ୟ ସଙ୍ଗୀତ ସ୍ଥାପତ୍ୟ ଭିତରେ କାଳ କାଳ ଧରି ରୁଦ୍ଧିମନ୍ତ। ଅନେକ ଭକ୍ତ ମହାପ୍ରଭୁଙ୍କ ଜୟଗାନରେ ଗଗନ ପବନ ନିନାଦିତ କରିଛନ୍ତି। ଉତ୍କଳର ବହୁ ସାଧକ ଓ ସନ୍ଥ ଏହି ପବିତ୍ର ଭଗୀରଥିରେ କେବଳ ଅବଗାହନ କରିନାହାଁନ୍ତି ବରଂ ନିଜର ଜୀବନକୁ କୃତାର୍ଥ କରି ପରମବ୍ରହ୍ମଙ୍କ ବନ୍ଦନା ବର୍ଣ୍ଣନାରେ ରାଶି ରାଶି ପୋଥି ଓ ପୁସ୍ତକ ରଚନା କରିଯାଇଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କ ଶିଷ୍ୟ ସମ୍ପ୍ରଦାୟ ମହାପ୍ରଭୁଙ୍କ ମହିମାରେ ଉଦବୁଦ୍ଧ ହୋଇଛନ୍ତି। ନାମ ସଂକୀର୍ତ୍ତନର ପରମ ପ୍ରବର୍ତ୍ତକ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ରଚନା କରିଛନ୍ତି 'ଚୈତନ୍ୟ ଚରିତ୍ରାମୃତ' ଓ 'ଗୌରାଙ୍ଗ ଭାଗବତ'। ରାୟ ରାମାନନ୍ଦ ଜଗନ୍ନାଥ ବଲ୍ଲଭରେ ଅବସ୍ଥାନ କରୁଥିବା ସମୟରେ ରଚନା କରିଥିଲେ 'ଜଗନ୍ନାଥ ବଲ୍ଲଭ ନାଟକମ୍'।

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗର କବି ଅର୍ଜୁନ ଦାଶ ରାମ ଚନ୍ଦ୍ରଙ୍କୁ ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କ ଅବତାର ଭାବରେ ଗ୍ରହଣ କରି ନୀଳଗିରି ନାଥ ଜଗନ୍ନାଥଙ୍କର ବନ୍ଦନା କରିଛନ୍ତି ତାଙ୍କ 'ରାମ ବିଭା' କାବ୍ୟରେ। କବିଙ୍କର ଅନ୍ୟତମ ଗ୍ରନ୍ଥ 'କଳ୍ପଲତା'ରେ ମହାପ୍ରଭୁଙ୍କ ବର୍ଷ ତମାମ ବିଭିନ୍ନ ଜାନିଯାତ୍ରା ଓ ଦିବ୍ୟ ମହିମା ବର୍ଣ୍ଣିତ ହୋଇଛି। 'କଳ୍ପଲତା'ର ଅଷ୍ଟମ ଛାନ୍ଦରେ 'ନୀଳଗିରି ଜଗନ୍ନାଥ, ଶଙ୍ଖଚକ୍ର ଚତୁହସ୍ତ। ରଥ ବିଜୟକୁ ଅନା, ଶୁଣ ହୋ ମନାୟେ। ବଳଗଣ୍ଡି ପରବେଶ ରହିଣ ନବଦିବସ। ଶିଶୁ ଅରଜୁନ ଦାସ, ମନେ ଉଲ୍ଲାସ ୟେ। ନାମ ଜଗନ୍ନାଥ ଶ୍ରୀମୁଖ କଳା, ବିକଚ ଶ୍ୱେତପଦ୍ମ ବେନିଡୋଳା।' 'ରାମ ବିଭା'ରେ ପ୍ରଥମ ଛାନ୍ଦରେ ସେ ଉଲ୍ଲେଖ କରିଛନ୍ତି 'ପରଂ ବ୍ରହ୍ମ ସ୍ୱରୂପ ସେ ଦାରୁ କଳେବର। କରୁଣା ସାଗର ଚତୁର୍ବିଧ ଅବତାର ହେ।' ସେହିପରି ଆମ ଓଡ଼ିଶାର ପଞ୍ଚସଖା ଭାବେ ପରିଚିତ ପଞ୍ଚ ମହାପୁରୁଷ ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଜନ୍ମ ଗ୍ରହଣ କରି ସେମାନଙ୍କର ଜ୍ଞାନ ପ୍ରଭାରେ ମହାନ ଶ୍ରୀଜଗନ୍ନାଥ ଚେତନାକୁ ଆଲୋକିତ କରିଛନ୍ତି। 'ଜଗମୋହନ ରାମାୟଣ' ଗ୍ରନ୍ଥଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିବା ଅଚଳା ଭକ୍ତି ସମ୍ପର୍କରେ ସ୍ପଷ୍ଟ ହୋଇଛି। ବଳରାମ ଦାସ ତାଙ୍କ ଜଗମୋହନ ରାମାୟଣର ଆଦ୍ୟକାଣ୍ଡର ପୃଷ୍ଠା ତିନିରେ ଉଲ୍ଲେଖ କରିଛନ୍ତି - 'ବନ୍ଦଇ ଜଗନ୍ନାଥ କମଳାଦେବୀର ପତି, ନୀଳଗିରି ସୁନ୍ଦର ଅପୂର୍ବ ଦିବ୍ୟମୂର୍ତ୍ତି। ସୁନ୍ଦର ଶ୍ରୀମୁଖ ସେ ନୀଳଗିରି ଆଭା, ଜାଣି ପଟାନ୍ତର କଳାମେଘ ପ୍ରଭା।'

ପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ ବର୍ଣ୍ଣନା ହୋଇଛି 'ବେଦାନ୍ତ ସାରଗୁପ୍ତ ଗୀତା' ଏହାର ସପ୍ତମ ଅଧ୍ୟାୟର ୪୩ ପୃଷ୍ଠାରେ ଉଲ୍ଲେଖ ଅଛି - 'ଏ ନୀଳଗିରି ନିତ୍ୟ ସମ, ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ। ଏ ନୀଳଗିରି ନିତ୍ୟ ଦୁଇ, ଅଭିନ୍ନ ଅଭେଦ ଅଟଇ।' ଜଗନ୍ନାଥ ଓ ଜଗନ୍ନାଥ ଧାମର ଗୌରବ ମହିମାକୁ ଯୁଗେ ଯୁଗେ ସୁପ୍ରତିଷ୍ଠ କରିବା ପାଇଁ ଓଡ଼ିଆ କବି ପ୍ରାଣର ବ୍ୟାକୁଳତା ଅନେକ କାବ୍ୟ କବିତାରେ ପରିସ୍ଫୁଟିତ ହୋଇଛି। ଆମ ଓଡ଼ିଆ ଘରର ନିତ୍ୟ ପରାୟଣ କୁହାଯାଉଥିବା ଅଚ୍ୟୁଦାନନ୍ଦଙ୍କ 'ହରିବଂଶ'ରେ ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ସେ ଲେଖିଛନ୍ତି - 'ଜଗନ୍ନାଥଙ୍କ ପାଦେ ସର୍ବେ କଲେ ପୂଜା, ଗରୁଡ଼ ପିଠିରେ ସେ ଦେବାଧିରାଜା। ଜୟ ଜୟ ଜଗନ୍ନାଥ ଆରତ ଭଞ୍ଜନ, ପତିତପାବନ ସ୍ୱାମୀ ଶ୍ରୀମଧୁସୂଦନ।' ହରିବଂଶରେ କବି ଅଚ୍ୟୁତାନନ୍ଦ ଆରତ ଭଞ୍ଜନ ଜଗନ୍ନାଥଙ୍କର ମହିମାକୁ ଅତି ସୁନ୍ଦର ଭାବେ ତାଙ୍କ 'ଶୂନ୍ୟ ସଂହିତା'ର ତୃତୀୟ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି - 'ଜଗନ୍ନାଥ ବଳଭଦ୍ର ସୁଭଦ୍ରା ସୁଦର୍ଶନ, ମହାମନ୍ତ୍ର ମନ୍ତ୍ରରାଜ ରୂପ ଦାରୁବ୍ରହ୍ମ। ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ଘେନି ସିଂହାସନ ପରେ, ବିଜୟେ କରିଛନ୍ତି ଚତୁର୍ଦ୍ଧା ରୂପରେ।'

ପଞ୍ଚସଖାର ଅନ୍ୟତମ କବି ଯଶୋବନ୍ତ 'ନୀଳସୁନ୍ଦରଗିରି'ରେ ଦାରୁବ୍ରହ୍ମଙ୍କର ଲୀଳା ମାହାତ୍ମ୍ୟ ସମ୍ପର୍କରେ ଅତି ଚମତ୍କାର ଭାବେ ତାଙ୍କ ରଚିତ 'ପ୍ରେମଭକ୍ତି ବ୍ରହ୍ମଗୀତା' ପୃଷ୍ଠା ୪୭ରେ ଲେଖିଛନ୍ତି - 'ଏମନ୍ତ ଦାରୁବ୍ରହ୍ମ ଗୋପ୍ୟ, ଓଁକାର ଜଗନ୍ନାଥ ରୂପ।' ମହାପ୍ରଭୁ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମଙ୍କ ଦିବ୍ୟ ଚେତନା ସମ୍ପର୍କରେ ଯଶୋବନ୍ତ ଦାସ ତାଙ୍କ 'ପ୍ରେମଭକ୍ତି ବ୍ରହ୍ମଗୀତା'ର ପୃଷ୍ଠା - ୩୧ରେ ଉଲ୍ଲେଖ କରିଛନ୍ତି - 'ବହିଲୁ ସେ ପୁରୁଷୋତ୍ତମ, ନିତ୍ୟ ରାହାସ ଅନୁପମ। ଏ ରୁଦ୍ର ବଳଭଦ୍ର ରୂପ, ଅଟନ୍ତି ଅନନ୍ତ ସ୍ୱରୂପ। ଆମ୍ଭେ ଶ୍ରୀଜଗନ୍ନାଥ ଦେହି, ବ୍ରହ୍ମା ସୁଭଦ୍ରା ହୋଇ ତହିଁ। ରାଧା ଗୁପତ ଅଙ୍ଗ ହୋଉ, ଆତ୍ମ ସଙ୍ଗତେ ପୂଜା ପାଉ।'

ସତ୍ୱଲିପି ଓ ମାଦଳା ପାଞ୍ଜିର ତଥ୍ୟ ମୁତାବକ ୧୫୧୦ ଖ୍ରୀଷ୍ଟାବ୍ଦରେ ବାଳକ ଶ୍ରୀହରି ଦାସ କଳି ଯୁଗରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ରୂପେ ବିଜେ କରିଥିବା ପୁରୁଷୋତ୍ତମ ସଚ୍ଚିଦାନନ୍ଦ ହେଉଛନ୍ତି ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଆଧାର ବୋଲି ତାଙ୍କର ଚେତନା ହୋଇଥିଲା। ସେ ତାଙ୍କ 'ମୟୂର ଚନ୍ଦ୍ରିକା'ର ପୃଷ୍ଠା-୪ରେ ଭାବପୂର୍ଣ୍ଣ ଭାବେ ଲେଖିଛନ୍ତି - 'ଏଯେ ଶିଖି ଚୂଳରେ ବ୍ରହ୍ମ ତତ୍ତ୍ୱଜ୍ଞାନ, ଏହି ଶ୍ରୀକ୍ଷେତ୍ରରେ ବ୍ରହ୍ମରୂପ ଦର୍ଶନ।'

ଜଗନ୍ନାଥ ଯେ ସର୍ବଧର୍ମର ଅତୀତ ସଚ୍ଚିଦାନନ୍ଦ ତତ୍ତ୍ୱର ପ୍ରତୀକ ଏବଂ ସେ ଏକ ପରମ ନିଗୂଢ଼ ସର୍ବ। ଏହିଠାରେ ଥିବା ସମସ୍ତ ବସ୍ତୁର ଏକ ପରମ ଧ୍ରୁବ। ଏହି ଭାବ ଚେତନାକୁ ବିଶ୍ୱାସ କରି ଶିଶୁକୃଷ୍ଣ ଦାସ ପୁରୀ ଆଗମନ କରିଥିଲେ ଶୋଡ଼ଷ ଶତାବ୍ଦୀରେ। ତାଙ୍କ 'ବଡ଼ ଦେଉଳ ତୋଳା'ର ପୃଷ୍ଠା-୩୨ରେ ଉଲ୍ଲେଖ କରିଛନ୍ତି 'ତୁମେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହ ବଂଶରେ କେହି ନଥିବେ ଗୋସାଇଁ। ସବୁ ଦିନେ କୀରତି ସଂସାରେ ଥିବ ରହି। ରାତ୍ର ଅର୍ଦ୍ଧମାନେ ତୋ କବାଟ ପଡ଼ିଥିବ, ରାତ୍ର ପାଞ୍ଚଘଡ଼ି ଥାଉ କବାଟ ଫିଟିବ। ସବୁ ହୋଇ ତିନି ଘଡ଼ି ଶୟନ କରିବ, ଖାଉ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ। ଦିନକ ଯାକର ଭୋକ ଭୁଞ୍ଜୁଥିବ ରହି। ଏହି ବର ମୋତେ ଦିଅ ତ୍ରୈଲୋକ୍ୟ ଗୋସାଇଁ।' ଜଗନ୍ନାଥ ହେଉଛନ୍ତି ପ୍ରେମ, ମୈତ୍ରୀ ବିଶ୍ୱ ପ୍ରାଣତାର ଦେବତା ଏବଂ ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ମାନବ ଆଜି ବିଶ୍ୱ ମାନବ ହେବା ପାଇଁ ଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନା। ଶୋଡଷ ଶତାବ୍ଦୀର ଶେଷ ଭାଗରେ କବି ଚାନ୍ଦ ଦାସ ପୁରୀକୁ ଆଗମନ କରି ନୀଳଗିରି ନାଥ ଦାରୁ ବ୍ରହ୍ମଙ୍କ ଦର୍ଶନ ମାତ୍ରକେ ସେ ଭାବତନ୍ମୟ ହୋଇପଡ଼ିଥିଲେ। ତାଙ୍କର ଲିଖିତ 'ଗୋପୀ ଚନ୍ଦନ'ର ପ୍ରଥମ ଛାନ୍ଦରେ ସେ ଉଲ୍ଲେଖ କରିଛନ୍ତି 'ଜୟ ଜୟ ଜଗନ୍ନାଥ ଜଗତ ନିମନ୍ତେ, ଦାରୁ ଦେହ ଧରି ବିଜେ ନୀଳଗିରି ମାଥେ ହେ।' ଷୋଡ଼ଶ ଶତାବ୍ଦୀର କବି ଜଗନ୍ନାଥଙ୍କୁ ବନ୍ଦନା କରିବାକୁ ଯାଇ ତାଙ୍କ 'ରହସ୍ୟ ମଞ୍ଜରୀ'ର ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି 'ଯମନିକ ନାମେ ତୀର୍ଥ ଆଦ୍ୟ, ତହିଁ ଯମେଶ୍ୱର ଦେବତା ପ୍ରସିଦ୍ଧ ଶ୍ରୀଜଗନ୍ନାଥ।'

ଜଗନ୍ନାଥ ଶବ୍ଦ ଜଗନ୍ତ ଶବ୍ଦରୁ ଉତ୍ପନ୍ନ ବୋଲି ଗବେଷକମାନେ ପ୍ରକାଶ କରନ୍ତି। ଋକ ବେଦର ପୁରୁଷସୂକ୍ତରେ ବର୍ଣ୍ଣିତ ସହସ୍ର ଶୀର୍ଷ, ସହସ୍ରାକ୍ଷ, ସହସ୍ରପାଦ, ହିରଣ୍ୟଗର୍ଭ ପୁରୁଷ ଶ୍ରୀଜଗନ୍ନାଥ ବୋଲି କୁହାଯାଇଛି। ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ପୁରୀକୁ ଆଗମନ କରିଥିଲେ କବି ବାଇଧର ଦ୍ୱିଜ। ତାଙ୍କର 'କବିକଣ୍ଠେ ଶ୍ରୀଜଗନ୍ନାଥ'ର ପୃଷ୍ଠା-୧୯ରେ ଉଲ୍ଲେଖ କରିଛନ୍ତି 'ଏହି ପ୍ରଭୁ ଜଗନ୍ନାଥ ଶଚିର ହୋଇଲେ ସୁତ, ବୈଷ୍ଣବ ଧର୍ମ ବିଖ୍ୟାତ ଶିଖାଇଲେ ମହାମନ୍ତ୍ର। ବୁଲିଲେ ଏହି ଜଗତ! ଭକତ ଘେନି ସଙ୍ଗତ। ଦ୍ୱିଜ ବାଇଧର ଆଶ୍ରା ଲକ୍ଷ୍ମୀକାନ୍ତ।' ସପ୍ତଦଶ ଶତାବ୍ଦୀର କବି ଶିଖର ଦାସଙ୍କ 'ନୀଳସୁନ୍ଦର ଗୀତା'ର ଷଷ୍ଠ ଅଧ୍ୟାୟ ପୃଷ୍ଠା-୩୦ରେ ସେ ପୁରୁଷୋତ୍ତମ ଜଗନ୍ନାଥଙ୍କ ତତ୍ତ୍ୱ ଓ ସକଳ ଦର୍ଶନ ଧର୍ମ ସମ୍ପର୍କରେ ସୁନ୍ଦର ଭାବେ ଆଲୋକପାତ କରିଛନ୍ତି - 'ବୋଇଲେ କଳିରେ ଦାରୁବ୍ରହ୍ମ ହେବି ମୁହିଁ, ଏ ମୋର ଶାପ୍ୟତ ମେଣ୍ଟି ଯିବ ନାହିଁ। ଗୁପତେ ପୂଜା ପାଇବୁ ଭାଇ ସଂଗତେ, ନ ଚିହ୍ନିବେ ବୋଲି ବୋଲିବେ ସୁଭଦ୍ରେ।'

ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଘୁମୁସରର ରାଜକବି ଧନଞ୍ଜୟ ଭଞ୍ଜ ଜଣେ ପରମ ଭକ୍ତ ହୋଇଥିବାରୁ ନୀଳାଚଳପତି ପରମବ୍ରହ୍ମ ଜଗନ୍ନାଥଙ୍କୁ ସ୍ତୁତି କରି ଅତି ସୁନ୍ଦର ଭାବେ ଲେଖିଛନ୍ତି 'ନୀଳାଦ୍ରିନାଥ ଚରଣ ଯୁଗ ପଙ୍କଜ ମନେଧ୍ୟାୟୀ, ନୃପତି ଧନଞ୍ଜୟ ଭଞ୍ଜର ମନ ଷଟପଦ ହୋଇ।' ତେବେ ସବୁଠାରୁ ହୃଦୟସ୍ପର୍ଶୀ ଭଜନ ଓ ଜଣାଣ ଗୁଡ଼ିକ ଥିଲା 'ଯବନ ଭକ୍ତ' ଶୋଳଷ ସାତ ଖ୍ରୀଷ୍ଟାବ୍ଦର ସାଲବେଗଙ୍କର। ତାଙ୍କର ପ୍ରମୁଖ ହୃଦୟସ୍ପର୍ଶୀ ଭଜନ ଗୁଡ଼ିକ ଯାହା ଏବେ ବି ଭକ୍ତଜନଙ୍କୁ ଭାବତଲ୍ଲୀନ କରିପାରୁଛି ସେଗୁଡ଼ିକ ହେଲା 'ଆହେ ନୀଳ ଶଇଳ ପ୍ରବଳମତ୍ତ ବାରଣ', 'ଆହେ ନୀଳଗିରି ବାଛି କେ ନାମ ଦେଲା ଦୟାନିଧି', 'ଜଗବନ୍ଧୁ ହେ କେଣିକି ଯାଉଛ', 'ଆହେ ନୀଳାଚଳବାସୀ', 'କାଳିଆଧନ', 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ', 'ଚାଲସଖି ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ', 'ଯେବେ ଶ୍ୟାମଘନ ନବ ବଂଶୀ ସ୍ୱର୍ଗ ନଶିଥରେ ଥରେ ଶୁଣାଯିବ', 'ଏକା ତୋ ଭକତ ଜୀବନ', 'ଜଗବନ୍ଧୁ ହେ ଗୋସାଇଁ', 'ଦୀନବନ୍ଧୁ ହୋ ତୁମ୍ଭେ ଡାକିଲେ ନ ଶୁଣ କାହିଁକି?', 'ବିଜେ କରିଅଛ ନୀଳଗିରି', 'ଶ୍ରୀପୁରୁଷୋତ୍ତମ ଯିବା ମନ', 'ହେ ଚକାଡୋଳା ଚାହୁଁ ଚାହୁଁ ବୁଡ଼ିଲା ମୋ ଭେଳା' ଓ 'ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ'।

ମହାପ୍ରଭୁ ଜଗନ୍ନାଥ ଏକ ଅପୂର୍ବ ସମନ୍ୱୟ ଓ ସଂହତିର ସିନ୍ଧୁ। ମତ, ପଥ, ସିଦ୍ଧାନ୍ତର କେତେ ଯେ ବିନ୍ଦୁ ସେଥିରେ ରହିଛି ତାର କଳନା କରିବ କିଏ? ରାଜା ଦିବ୍ୟସିଂହ ଦେବଙ୍କ ଶାସନ କାଳ ଅର୍ଥାତ୍ ୧୬୮୬ରୁ ୧୭୧୩ ପର୍ଯ୍ୟନ୍ତ ତାଙ୍କର ସମସାମୟିକ ଥିବା ଭକ୍ତ କବି ଦୀନକୃଷ୍ଣ ଜଗନ୍ନାଥଙ୍କୁ ଅବତାରୀ ପୁରୁଷ ଭାବେ ତାଙ୍କ 'ରସକଲ୍ଲୋଳ'ର ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି 'କଚ୍ଛପ ମତ୍ସାଦି ଅବତାର ଯେତେକ, କରିବାକୁ ଜାତ ଜଗନ୍ନାଥଜନକ'। ଜଗନ୍ନାଥଙ୍କର ଅନ୍ୟ ନାମ ପୁରୁଷୋତ୍ତମ ଅର୍ଥାତ୍ ସୃଷ୍ଟିର ଆତଯାତ ମୂଳରେ ଯେଉଁ କ୍ଷର ଓ ଅକ୍ଷର ଦୁଇ ପୁରୁଷ ରହିଛନ୍ତି ସେ ଉଭୟଙ୍କର ଅତୀତ ଓ ଉର୍ଦ୍ଧ୍ୱରେ ରହିଛନ୍ତି ପୁରୁଷୋତ୍ତମ।

(କ୍ରମଶଃ)

# ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ଆବଶ୍ୟକତା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଭାରତ ଏକ ଧର୍ମ ପ୍ରଧାନ ଦେଶ। ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ। କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ। ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ। ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର। ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର। କାରଣ ଆମର ତା ସହିତ ଆସ୍ଥା ଯୋଡି ହେଲା। ଆସ୍ଥା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ। ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ। ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ। ଜୀବନର ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ।

ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି। ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ। ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ। ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ। ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି। ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ। ସୁଖ ଶାନ୍ତି ପ୍ରାପ୍ତି କରେ। ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ। ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ। ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ। କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ। ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ। ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ। ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା। ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ। ନିଜ ଜୀବନର କର୍ତ୍ତବ୍ୟକୁ ସେହି ରୂପେ ପାଳନ କରିବ। ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ। ଏଣୁ ଆମେ ଅଜ୍ଞାନ ଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା।

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍‌ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍‌ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।

ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ। ଜଣେ ରାଜକୁମାର ତତ୍‌କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ। ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ। ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ। ତାଙ୍କୁ ଅନେକ ସାମରିକ କଳା ଜଣାଥିଲା। ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ। ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ। ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ। ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ। ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ। ତା'ର ଜୀବନ ଯିବ। ହଠାତ୍ ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି? ମୁଁ ବଡ଼ ନିଷ୍ଠୁର। ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି। ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ। ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ। ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର। ଏହା ଭାବିଭାବି ସେ ଡରିଗଲେ। ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ। ତୁମେ ବିବେକବାନ। ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହିଁ। ଏହା ହିଁ ତ ଦିବ୍ୟଜ୍ଞାନ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦



## କବିତା କୋଣାର୍କ

### ସଲାମ ସହିଦ ସଲାମ

**ପ୍ରଭାତ ମଲ୍ଲିକ**

ତମେ ନାରୀ ନୁହଁ
ତମେ ନାରାୟଣୀ
ତମେ ସମସ୍ୟା ନୁହଁ
ତମେ ନମସ୍ୟା
ତମେ ପ୍ରଣମ୍ୟା, ତମେ ପୁଣ୍ୟାତ୍ମା
ଏ ମାଟିର କୋଟି ସନ୍ତାନର
ମାଆ ତମେ,ତମେ ଲକ୍ଷ୍ମୀବାଇ ପରି
ଆଉ ଏକ ଲକ୍ଷ୍ମୀବାଇ,
ହେ ବୀରା ରମଣୀ
ତମେ ଥିଲ ପରା ଆମ
ରକ୍ଷାର କବଚ,
ଆଜି ତମେ ନାହଁ, ଅଛ ପୁଣି ତୁମେ
ଆମ ହୃଦୟ ଭିତରେ
ହେ ଅମର ସହିଦ,
ଜାତି ପାଇଁ ପାତି ଦେଇ ଛାତି
ରାଷ୍ଟ୍ର ପାଇଁ ପ୍ରାଣ ବଳି ଦେଇ
ସନ୍ତ୍ରାସ ବାଦ କବଳରୁ
ଏଜାତିକୁ ମୁକ୍ତି ଦେବାପାଇଁ
ନିଜ ରକତରେ
ଲେଖି ଦେଇ ଚାଲିଗଲ,
ନୂଆ ଇତିହାସ,
ଏଜାତି କେବେ ବେଇମାନ ନୁହଁ
ତମ ତ୍ୟାଗ ତର୍ପଣର
ମୂଲ୍ୟ ଦେବା ପାଇଁ
ଦେଖ, କେମିତି ଶତ୍ରୁ ପକ୍ଷ
ପ୍ରମାଦ ଗଣୁଛି
ପାପିଷ୍ଟ ପହରୁଛି ରକ୍ତ ନଦୀ
କେତେ ମୁଣ୍ଡ କଟି ମାଟିରେ
ଲୋଟୁଛି
ଯୁଦ୍ଧ ବିରତିର ଡାକରା ଦେଉଛି,
ସୂର୍ଯ୍ୟ ଚନ୍ଦ୍ର ଥିବା ଯାଏ ସ୍ମରଣ କରିବ
ଏଜାତି ଗାଉଥିବ ତମ ଜୟ
ପ୍ରଶଂସାର ଗୀତି
ସୁନାର ଅକ୍ଷରରେ ଲେଖା ହେବ
ତୁମ ନାମ
ଇତିହାସ ଲେଖା ହେବ ତମ ଗର୍ବ
ଗୌରବର ଗାଥା
ହେ ମହାନ ମହିୟସୀ
ତମ ତ୍ୟାଗ ତପସ୍ୟାର
ନାହିଁ ପଟାନ୍ତର
ତମ ପାଦତଳେ କରୁଅଛୁ ପ୍ରଣିପାତ।
ଭଉଣୀ, ଅମର ସହିଦ
ତମକୁ ଆମର ଶହେ ସଲାମ।

### ଖରା

**ଦିନେଶ ମେହେର**

ମେ' ମାସ
ଓଃ କି ମୁଣ୍ଡଫଟା ଖରା !
ମୁଣ୍ଡରୁ ପିଣ୍ଡ ଯାଏଁ ତରଳି ଯାଉଚି,
ଏଇ ଖରାରେ ଜୀବନ ବିତେଇବା
କ'ଣ ଏତେ ସହଜ ?
ଦେହ ମୁଣ୍ଡ ସବୁ ତତଲା ନିଆଁ
ଝୋଳରେ
ସିଝି ମରିବାର ଦିନ ଆଉ ବେଶୀ
ଦୂର ନୁହେଁ.... !

ଦେଖୁଛ,
ଶେଷରେ ଏଇଦିନ ବି
ଦେଖିବାକୁ ପଡ଼ିଲା
ନିଜ ଗୋଡ଼ରେ କୁରାଢ଼ି ମାରି
ସାରିଲା ପରେ
ଆଉ କାହାକୁ ଦୋଷ ଦେବା
ଏଇ ଅଚଳ ପାହାଡ଼,
ଡଙ୍ଗର, ପୋଖରୀ
ଅବା ଆକାଶର ସୂର୍ଯ୍ୟ, ଚନ୍ଦ୍ର,
ସପ୍ତର୍ଷିମଣ୍ଡଳକୁ ?
କାହା କାହା ନାଆଁରେ
ଏତେଲା ଦେବା ?

ସବୁ ଭୁଲ ତ ଆମର;
ନିଜକୁ ପୃଥିବୀ ର ଶ୍ରେଷ୍ଠ ଜୀବ ବୋଲି
ଭାବିବା ହିଁ ପ୍ରଥମ ଭୁଲ୍,
ଦ୍ୱିତୀୟ ଭୁଲ୍-
ଅହଂକାରରେ ଆକାଶକୁ
ଛୁଇଁବାର ଆସ୍ପର୍ଧା ।।

ଯେତେବେଳେ ଆମେମାନେ
ଆରମ୍ଭ କରିଦେଲୁ
ନିରୀହ ଜୀବଜନ୍ତୁ, ନିଷ୍ଚଳ ବଣ
ଜଙ୍ଗଲ ଉପରେ
ଦଳି ମକଚି ଦେଇଥିଲୁଁ ସଜ
ଫୁଟାଫୁଲର ଭାଗ୍ୟକୁ
ନିରୀହ ପକ୍ଷୀର ବସାକୁ
ଆଉ ନିଜ ଖୁସି ପାଇଁ
ଜଳେଇ ଦେଇଥିଲୁ
ସବୁଜ ଜଙ୍ଗଲକୁ 'ମାଙ୍କଡ଼
ବାହାଘର' ବୋଲି !

ମନେପଡ଼େ ସେଦିନ
ନଈ ପଠାରେ ଥିବା ଡିମିରି
ଗଛର ଛାଇକୁ,
ଲଗାଲଗି ହୋଇ ଏଗାରଟି ଗଛ
ଖରାଦିନେ ନିଜର ଶୀତଳ ଛାଇରେ
ଲାଗୁଥିଲା ସ୍ୱର୍ଗପୁର,
ଓଃ କେତେ ଶାନ୍ତିରେ
ବଞ୍ଚିଥିଲା ଜୀବନ ।

ଏବେ ଆମ ସ୍ୱାର୍ଥ ପାଇଁ
ସେଇ ଅଚଳ ମାନଙ୍କ
ଉପରେ ଚଲେଇଲୁ
ଅତ୍ୟାଚାର,
ଯାହାର ପରିଣାମ ଏବେ
ଆମେ ହିଁ ଭୋଗି ଚାଲିଛେ ।।



ଏଇନେ,
ପାରଦ ଆକାଶ ମୁହାଁ,
ଏବେ ବଞ୍ଚିବା ଭାରି କଷ୍ଟ,
କେଜାଣି କେତେବେଳେ
ଫୁର୍ ହେଇ ଉଡ଼ିଯିବ ପ୍ରାଣବାୟୁ
ପୁଣି ବାଷ୍ପୀଭୂତ ହେଇ ମିଶିଯିବ
ପଞ୍ଚଭୂତରେ
ଜାଣି ପାରିବାନି ।

ତଥାପି , ବଞ୍ଚିବାକୁ ତ ହେବ
ଅଣନିଶ୍ୱାସି ହୋଇ ।

+ ପଳାସ, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

### ମରତ ଦେବତା

**ଜୟନ୍ତ କୁମାର ମଲ୍ଲିକ୍**

ମରତ ଦେବତା ଆମ ପିତାମାତା
ଦୁହେଁ ଜନ୍ମଦାତା ଆମର -
ତାଙ୍କୁ ନବୁଝିଲେ ତାଙ୍କୁ ନପୂଜିଲେ
ପାଲଟିବା ଆମେ ପାମର।
ଦୁହିଁଙ୍କ ଦୟାରେ ଏ ମାନବତନୁ
କରିଅଛି ମୁହିଁ ଧାରଣ -
ପରମପିତା ବି ବନିଯାଇଛନ୍ତି
ମୋଅ ଜୀବନର କାରଣ।
ସ୍ରଷ୍ଟାଙ୍କ ସୁନ୍ଦର ସୃଷ୍ଟିର ମୁଁ ଆଜି
ସାଜିଅଛି ଅଂଶ ବିଶେଷ -
ଅମୃତ ସନ୍ତାନ ଭାବେ ହେବି ଗଣା
ନହେବି ପାପରେ ନିଃଶେଷ।
ପିତାମାତାଙ୍କର ସୁଗୁଣ ସବୁକୁ
ସଦା ଆଚରଣ କରିବି -
କରି ସୁକରମ ଆଚରି ଧରମ
ତାଙ୍କ ଦୁଃଖକଷ୍ଟ ହରିବି।
ସତ୍ୟପଥେ ଚାଲି ହେବି ସୁମଣିଷ
ଜନମ ସାର୍ଥକ କରିକି -
ଜୀଇଁଥିବା ଯାଏଁ ମୋ ପିତାମାତାଙ୍କୁ
ଚାଲିଥିବି ଅନୁସରିକି।

ଦଶରଥପୁର, ଯାଜପୁର
ମୋ:୯୪୩୭୮୬୫୭୨୭

## ସବୁ ନିର୍ଭର କରୁଛି ତୁମ ଉପରେ
### ରତ୍ନାକର ରାଉତ




ଏବେ ସବୁ ନିର୍ଭର କରୁଛି ତୁମ ଉପରେ
ସବୁଜ ଘାସପଡ଼ିଆରେ ପିଲାମାନେ
ଖେଳିବେ କି ନାହିଁ
ରଙ୍ଗ ବେରଙ୍ଗର ପ୍ରଜାପତି ଓ ହଳଦୀ ବସନ୍ତ
ଏ ଫୁଲରୁ ସେ ଫୁଲ, ଏ ଡାଳରୁ ସେ ଡାଳ
ଉଡ଼ିବେ କି ନାହିଁ
କୋଇଲି ରାବିବ କି ନାହିଁ ପତ୍ର ଗହଳରୁ
ଫୁଲମାନେ ମୁକୁଳିତ ହେବେ କି ନାହିଁ କଳିରୁ
ଆଉ ମୋ ଝିଅର ଗୀତ ଖାତା ପଢ଼ି
ଆମେ ପରିବାରର ଲୋକମାନେ
ଖୁସି ହେବୁ କି ନାହିଁ ଏବଂ ମୋ କବିତା
ଭୁବନେଶ୍ୱର ସାହିତ୍ୟ ସମାଜ
କବିତା ଆସରରେ ପଢ଼ା ଯିବ କି ନାହିଁ
ସବୁ କବିମାନେ ତାଙ୍କ ଭାବ ବ୍ୟକ୍ତ
କରିପାରିବେ କି ନାହିଁ
ନିର୍ବିବାଦରେ ଏକତ୍ରିତ ହୋଇ ଗୋଟିଏ ମଂଚରେ
ଏସବୁ ନିର୍ଭର କରୁଛି ଏବେ ତୁମ ଉପରେ ।

ତୁମେ କେଉଁଠି ତିଆରି କରିଛ ବାରୁଦର ପାହାଡ଼
କେଉଁଠି ଖୋଳିଛ ମାଟି ତଳେ ତଳେ ସୁଡ଼ଙ୍ଗ
କେଉଁଠି ଗଦେଇଛ ଗୁଳି, ଗୋଳା, ବିସ୍ଫୋରକ
କେଉଁଠି ଲୁଚେଇଛ ହାତ ହତିଆର,
କମାଣ ଓ ବଂଧୁକ
କେଉଁଠି ରଚିବ ଯୋଜନା କରିଛ
କେଉଁ ଦିନ ଆତଙ୍କ
କଣ କଣ ଷଡ଼ଯନ୍ତ୍ର ରଚିଛ ହତ୍ୟା,
ସଂଘର୍ଷ ଓ ରକ୍ତପାତର
ତୁମକୁ ହିଁ କେବଳ ଜଣା
ତୁମେ କହିପାରିବ କେତେକାଳ ଆଉ
ତିଷ୍ଠି ରହିବ ମହୀରେ ସକଳ ଜୀବନ
ହଁ, କେବଳ ତୁମେ ହିଁ ସେକଥା କହିପାରିବ ।

ତୁମେ ଅଗ୍ନି ସଂଯୋଗ କରିବା ପୂର୍ବରୁ
ସେହି ବାରୁଦ ଗଦାରେ
ତୁମେ ମତେଇବା ପୂର୍ବରୁ
ଭାଇକୁ ଭାଇ ବିରୁଦ୍ଧରେ
ମଣିଷ ହାତରେ ନିପାତ କରିବା ପୂର୍ବରୁ
ଅନ୍ୟ ମଣିଷକୁ, ଶେଷ ବିସ୍ଫୋରଣରେ
ନିଧନ ହେବା ପୂର୍ବରୁ ସତେଜ ଜୀବନ
ନିଶ୍ଚିହ୍ନ ହେବା ପୂର୍ବରୁ ସସାଗରାର
ଧରାର ଭୂଗୋଳ ଓ ଭବିଷ୍ୟତ
ତୁମକୁ ଥରେ ଦେଖିବାକୁ ଡାକିବି
ଖୋଲା ପବନରେ କେମିତି ବୃନ୍ତରେ
ଦୋଳି ଖେଳୁଛି ସଜଫୁଟା ଫୁଲ
ଦୂବରେ ଲାଖିଛି
ମୁକ୍ତା ତୁଲ୍ୟ ଶିରୀଶିରୀ ଶିଶିରର ବିନ୍ଦୁ
ବଣି ଖୁଣ୍ଟୁଛି ଧାନବାଡ଼ି ଖଳାରେ
ପିମ୍ପୁଡ଼ି ବହିନେଉଛି ଟିକି ପାଟିରେ ତଣ୍ଡୁଳ
ବାୟା ଚଢ଼େଇ ତା କୁନି ଥଣ୍ଟରେ ଧରିଛି
ନଡ଼ା, କାଠି ଓ କୁଟା ପତର ଗଢ଼ିବାକୁ ଘର
ଗୁଣ୍ଡୁଚିଟିଏ ଡେଉଁଛି ଏ ଡାଳରୁ ସେ ଡାଳ
ଚଂଚୁ ଘଷୁଛି ଚଂଚୁରେ
କପୋତଟିଏ କପୋତୀର
ସାରା ସଂସାରରେ ଲାଗିଛି ଲୀଳା ଖେଳା
ସୁଖ, ଦୁଃଖ, ହାନି, ଲାଭ ଭିତରେ
ବିତୁଛି ସମୟ ସଭିଙ୍କର
ଧ୍ୱଂସ ନୁହେଁ ସର୍ଜନାର
ମୃତ୍ୟୁ ନୁହେଁ ଜୀବନର ମହୋତ୍ସବ ଚାଲିଛି ।

ସବୁ ନିର୍ଭର କରୁଛି ତୁମ ଉପରେ
ଏହିପରି ଏଠାରେ ଲାଗି ରହିବ
ପାର୍ବଣ ଜୀବନର
ଅବା ଆରମ୍ଭ ହୋଇଯିବ
ବିନାଶକ ବିଧ୍ୱଂସୀ ତାଣ୍ଡବ ମୃତ୍ୟୁର
ସବୁ ନିର୍ଭର କରୁଛି ତୁମ ଉପରେ ।


+ ଭୁବନେଶ୍ୱର
(ମୋ) ୯୪୩୭୩୮୨୨୮୧

ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ 'ଶ୍ରୀରାଧା'... ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରଟିଏ କରି ବୁହାଇଆଣେ ଊଷର ଛାତିକୁ, ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ... ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି, ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' ...

## ଶ୍ରୀରାଧାଙ୍କ ବିରହ ସ୍ୱର (୮)
### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ହେ କୃଷ୍ଣ !
ମୁଁ ମାଇଁ ତୁମର ତୁମେ ଯେ କିଶୋର
ଦେହ ବୟସରେ ସାନ
ଦେହର ସାରଥି- ଆତ୍ମା-ପକ୍ଷୀ କ'ଣ
ଏକ ଠାରୁ ଆନ ଭିନ୍ନ ?
ଦେହ ସିନା ଟଳିପଡ଼େ...
ଆତ୍ମାପକ୍ଷୀ ପରା ନୂଆ ଖେଳିବାକୁ
ବସିଯାଏ ଆନ ନୀଡ଼େ।
ଏକ ଆତ୍ମା ଆମେ ଦୁହେଁ...
ଭିନ୍ନ ସିନା ନୀଡ଼ କର୍ମ ତ ଆମର
ବିଶ୍ୱର କଲ୍ୟାଣ ଚାହେଁ। (୨୯)

ଦର୍ପଣ ଦେଖାଏ ଅବିକଳ ରୂପ
ତା ଛାତିକୁ ଚାହିଁଦେଲେ
ମୋ ମୁହଁ ଜାଗାରେ ତୁମ ମୁହଁ ଦିଶେ
ସ୍ମିତ ହସ ଅଧରରେ !
ଝରିପଡ଼ନ୍ତି ମୋ ଆଖି...
ଗଣ୍ଡ ମଣ୍ଡଳରୁ ଅଶ୍ରୁ ପୋଛନ୍ତନି
ପ୍ରୀତି ଅନୁରାଗେ ଆସି ?
ନିତ୍ୟ ସହଚର ପ୍ରିୟ... !
ସୁଦାମ ଶ୍ରାପରେ ସହେ ମୁଁ ବିରହ
କେବେ ଶେଷ ହେବ କୁହ ? (୩୦)

ମୁଁ ତୁମର ଦେହ ତୁମେ ଦେହ ମୋ'ର
ଦୁହେଁ ଆତ୍ମା ଦୁହିଁଙ୍କର
ତୁମରି ଇଚ୍ଛାର ଜଗତ ସୁନ୍ଦର
ମୁଁ ସଂଚାରୀ ରୂପ ତାର ।
ତୁମେ ଶବ୍ଦ ଅର୍ଥ ମୁଁ ହିଁ...
ସାତ ବଂଶୀ ସୁରେ ବନ୍ଧାଇଚ ମୋତେ
ଆଉ କି ବାଜିବି ନାହିଁ ?
ତୁମେ ପରା ମାୟାଧର... ?
ନିର୍ମାୟାରୁ ଆସି ମାୟାରେ ବୁଡ଼ିଲ
ଏବେ କାହିଁ କର ଦୂର ? (୩୧)

ମରଣ ଜଗତୁ ଯିବି ଫେରି ଦିନେ
ମୂଳ ମୁଲକକୁ ମୁହିଁ
ଦେହ ପଡ଼ିଥିବ ଆତ୍ମା ଚାଲିଯିବ
ଏ ଜନ୍ମ ସଂସ୍କାର ନେଇ।
ଆର ଜନ୍ମର କର୍ମରେ...
ଏ ଜନ୍ମ ସଂସ୍କାର ଫୁଟିଉଠୁଥିବ
ତୁମ ବିରହ ସ୍ମୃତିରେ !
ପ୍ରିୟତମ ପ୍ରିୟତମ... !
ଜନ୍ମ ଜନ୍ମାନ୍ତର ପ୍ରାରବ୍ଧ ରୂପରେ
ପୋଡ଼ିବ ଅଭୁଲା ପ୍ରେମ ? (୩୨)


(ଆର ଥରକୁ)



+ ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଳାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧


## ନିଃଶବ୍ଦ ଯାଯାବର
### ପ୍ରକାଶ କୁମାର ମହାନ୍ତି



ଆଜି ବି ସେ ସାଗର ଅଛି, ଲହଡ଼ିର ଘୁ ଘୁ ଶବ୍ଦ ଶୁଭୁଚି,
ହେଲେ ନିର୍ଜନତାର ଉପସ୍ଥିତି ବାରି ହେଇ ପଡୁଛି,

ସତେ ଯେମିତି ଦିଗବଳୟରୁ ସ୍ମୃତିର ତରଙ୍ଗ ସବୁ ଭାସି ଭାସି
ମନେ ପକେଇ ଦେଉଛନ୍ତି ସେ ଗଲା ଦିନ ସବୁକୁ;

ସେଦିନର ସେଇ ଜହ୍ନ ରାତିରେ
ସାଗର କୁଳରେ ଶଙ୍ଖ ଓ ଶାମୁକା ସାଥିରେ,
ଯାଯାବର ଖେଳୁଥିଲା ବାଲିଘର ଗଢୁଥିଲା,
ଲହଡ଼ିର ଶବ୍ଦ ଶୁଣି ଏକା ଏକା ହସୁଥିଲା ।

ଆଜି ବି ସାଗର ଅଛି, ଲହଡ଼ିର ଘୁ ଘୁ ଶବ୍ଦ ଶୁଭୁଚି,
ଏବେ ମଧ୍ୟ ସେ ଜହ୍ନ ରାତି ହେଉଚି
ଓ ଜହ୍ନର କିରଣ ବିଛାଡ଼ି ହେଇ ପଡୁଚି,
ଆଜି ବି ସେ ଓଦା ବାଲି ଅଛି, ଶଙ୍ଖ ଓ ଶାମୁକା ଅଛନ୍ତି,
ହେଲେ ବାଲିଘର ଗଢ଼ିବ କିଏ ? ?

ଯାଯାବର ତ ହଜିଯାଇଛି ସମାଜର କୋଳାହଳରେ,
ତା ଆଖି ଖୋଲିବା ଆଗରୁ ତା ଜୀବନର ସଂଧ୍ୟା ଆସି ଯାଇଛି,
ଆଜିବି ସେ ସାଗର ଅଛି,
ଲହଡ଼ିର ଘୁ ଘୁ ଶବ୍ଦ ଶୁଭୁଚି ।


ଆଇନଜୀବୀ,
ବାଙ୍ଖିସାହି ( ନିଉ କଲୋନୀ )
ପୋ/ତେଲେଙ୍ଗା ବଜାର
ଜିଲ୍ଲା/ ସହର : କଟକ -୭୫୩୦୦୯
ମୋ: ୯୩୩୮୧୨୩୨୩୪




## ବାପା ମାଆ
### ହରପ୍ରିୟା ସାହୁ

କିଏ ସନ୍ଥ, କିଏ ସାଧୁ ପାଲଟିଛି,
ଥରେ ନିଜେ ଆଖି ଖୋଲିକି ଦେଖ ।
ସୃଷ୍ଟି କର୍ତ୍ତା ଯଦି ଭଗବାନ ହୁଅନ୍ତି
ଥରୁଟେ ମାଆ ବାପାଙ୍କୁ ବି ଦେଖ ।

ପଥର ଲଢ଼େନି ତୋ ପାଇଁ ବାବୁରେ
ଲହୁ ଲୁହ କରି ଏକ
ପଥରକୁ ତୋର ସୃଷ୍ଟି କର୍ତ୍ତା କହୁ
ଭାବନାକୁ ତୋର ଧିକ ।।

ହଜାରେ ହଜାରେ ଟଙ୍କା,
ଅପାତ୍ରରେ କରୁ ବର୍ଜନ
ବାପ ମା' ପାଇଁ ଖର୍ଚ୍ଚ ହେଇଗଲେ
ପାଟି କରି କରୁ ଗର୍ଜନ ।।

ଚଲା ପଥ ଯଦି କଣ୍ଟା ପାଲଟିଛି,
ଥରେ ନିଜକୁ ସଜାଡ଼ି ଦେଖ
ଝୁଣ୍ଟିଲେ ପଥର ଆଃ କି କହିବ ?
ବାପା ମାଆଙ୍କୁ ଆଦରି ଦେଖ ।


ଜଗତସିଂହପୁର




## ଅର୍ନ୍ତଦାହ
### ଅର୍ଚ୍ଚନା ରଥ

କିପରି କହିବି କହ
ଏ ଦେହର ଯନ୍ତ୍ରେ
ଶକ୍ତି ମୋର ଅତୀବ ସୀମିତ ।
ପାରିବିନି ଲଂଘି ସେ ଯେ ଅକାତ ସମୁଦ୍ର
ପାଇବାକୁ ସତୀ ସୀତା ନିର୍ଜନ ଦ୍ୱୀପରେ,
ଶିଖିନାହିଁ ମନ କେବେ ଭାବିବାକୁ
ସେ ସୀମା ଊର୍ଦ୍ଧ୍ୱରେ ।

ହେ ଈଶ୍ୱର...
ନିଜ ଗୋଡ଼ ତଳକୁ ଓଟାରିବାକୁ
ତୁମକୁ ମୁଁ କଲି ଅନୁରୋଧ ।

କେବେ କି କହିଛି ତୁମକୁ
'ତୁମକୁ ପାଇବା ପାଇଁ
ମୋ ପଥକୁ କର ପରିଷ୍କାର ।'

ତେମେ କିଆଁ ଆଜି କରେ ପ୍ରହସନ
ପାଇବାକୁ ତୁମ ସ୍ପର୍ଶ, ଅପାର ଆନନ୍ଦ !


ବିଶ୍ୱଶ୍ରୀ ପ୍ରେସ, ବାଲେଶ୍ୱର


## ଅପେକ୍ଷା
### ଦିନେଶ ମେହେର

କ'ଣ ଆଉ କରିଥାନ୍ତା
ସେ ଅଭାଗିନୀ ଟା !

ବାହା ହେଇଥିଲା ସତ
ହେଲେ ସଂସାର ବୋଇଲେ ଜାଣିନି ସେ,
ତଥାପି କରିଥିଲା ଅପେକ୍ଷା
ପ୍ରିୟ ତାର ଆସିବ,
ଆକାଶରୁ ତାରା ଫୁଲ ଘେନି ଆଣିଦେବ
ଜହ୍ନ ରୁ ଯୋଛନା ତୋଳି ଆଣିଦେବ,
ସଂସାର ସୁଖ ଦେବ,
କେତେ କଣ ଭାବି ଦେଇଥିଲା ସେ;

ସେଦିନ,ପ୍ରିୟ ତାର
ଘରୁ ବାହାରି ଯାଇଥିଲା
ଦୂର ଦେଶକୁ ରୋଜଗାର କରିବ ବୋଲି
ପ୍ରିୟା ର ସ୍ୱପ୍ନ ପୂରଣ କରିବ ବୋଲି !

ହେଲେ
କେଉଁଠି ଥିଲା କେଜାଣି
ଅସୁରୁଣୀ ଟାଏ,
କି କାଉଁରୀ ବିଦ୍ୟା ଚଲେଇ ଦେଲା ଯେ,
ତାର ଆଉ ଘରକୁ ଫେରିବାର
ଶୋର କି ଶବଦ ନାଇ !

ହଁ ଉଡିଗଲା ଚଢ଼େଇ ତ
ବସା କୁ ଫେରିବ ନିଶ୍ଚୟ,
ଇଏ ବି ଫେରିଲା
ହେଲେ ଜୀବନ ଯୁଦ୍ଧ ରେ ନିଜକୁ ହରେଇ
ଦେଇ।

ଏପଟେ ଅଭାଗିନୀ ଟା କୁ ସମ୍ଭାଳେ କିଏ,
ଯାହା ପାଇଁ ସାରାରାତି ଶେଯ ଉପରେ
ମେଞ୍ଚା ମେଞ୍ଚା ଲୁହ ଢାଳି ଦଉଥିଲା,
ସେ ପ୍ରିୟ ତ ମଶାଣି ରେ ଜଳି ଚାଲିଛି
ହୁତୁ ହୁତୁ ହେଇ,
ଆଉ ଏପଟେ ଇଏ
ବାହୁନି ବାହୁନି କାନ୍ଦି ଚାଲିଛି।


ଜୁନାଗଡ଼, କଳାହାଣ୍ଡି


## ବର୍ଷା
### ଶ୍ରୀ ସତ୍ୟବ୍ରତ ସାହୁ



ଦୂରେ ବହୁ ଦୂରେ ଆକାଶ ଛାତିରେ
ମେଘଖଣ୍ଡକୁ ଦେଖି ସ୍ୱପ୍ନଦେଖେ
ଗଛ, ମାଟି, ମଣିଷ..
ସ୍ୱାଗତ କରେ ଡେଙ୍ଗା ତାଳଗଛ
ବାହୁ ମେଲାଇ..ମୁଣ୍ଡ ହଲାଇ ।
ମାଟି ଆତୁର ହୁଏ..
ଆସ.. ଛୁଇଁଦିଅ ମୋତେ ..
ଶାନ୍ତ କରିଦିଅ ମୋ' ଉତପ୍ତ ତନୁ
ମୋ' ପିଲାମାନଙ୍କ ଦେହରେ
ଭରି ଦିଅ ଜୀବନ ।
ବର୍ଷାର ଟୁପୁରୁ ଟୁପୁରୁ ଶବ୍ଦରେ
ଉଲ୍ଲସି ଉଠେ ଗଛ
ଆତ୍ମତୃପ୍ତି ପାଇଁ
ପତ୍ରରେ ଧରି ରଖେ ବର୍ଷା ଜଳ,
ଟିକେ ପବନରେ
ଝରିପଡୁ ପଛେ ମାଟି ଉପରେ ।
ମାଟି ତ ନିଆରା ଖୁସିରେ ମସଗୁଲ୍
ବାରି ହୋଇପଡେ ତା ବାସ୍ନାରୁ
ଭିଜା ମାଟିର ବାସ୍ନା ବି ସ୍ୱତନ୍ତ୍ର
ଭିଜା ମାଟିର ବାସ୍ନାରେ ବିଭୋର ହୁଏ
କବି/ଚାଷୀ/ପ୍ରଣୟ-ପ୍ରଣୟୀ
କବି ହଜିବ ବର୍ଷାର ସୁରରେ..
ଲେଖିବ କବିତା,
ମାଟି ହସିବ ସବୁଜିମାରେ..
କଇଁ, କିଆ, ହରଗୌରା ଫୁଲରେ,
ଚାଷୀ ଭିଜିବ ବର୍ଷା ଟୋପାରେ..
ରୋଇବ ଧାନ..
କରିବ ବେଉଷଣ,
ହୁଏତ ବର୍ଷାରେ ନଭିଜିବାକୁ
ସତର୍କ କରିଦେବ ପ୍ରିୟତମା
ଦୂରରେ ଥିବା ପ୍ରିୟତମକୁ
ପାଖରେ ଥିଲେ
ଫୁଲେଇ ହୋଇ କହୁଥିବ...
ଛୁଅଁନା ମୋତେ.. ।

ସବୁ ସତ-ମିଛର ଯୁକ୍ତିତର୍କ ପରେ ବାହାରିବ
ଗୋଟାଏ ନିଷ୍କର୍ଷ
ବର୍ଷା.. ସମସ୍ତଙ୍କ ପାଇଁ
ଖୁସି ନେଇ ଆସେ ।


ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର- ୭୫୫୦୩୬
ମୋ- ୯୩୩୮୧୬୫୬୧୯


## କବି ମୁଁ ଜଣେ
### ତାରାପ୍ରସାଦ ଜେନା



କବି ମୁଁ ଜଣେ
ନୀରବରେ ବସି କାଟୁଛି ବେଳ
କବାଟ କୋଣେ... କବି ମୁଁ ଜଣେ ... !

ଭାବନାକୁ ଯୋଡ଼େ ମାଟି ଆକାଶ
ଘନ ତିମିରରୁ ଖୋଜେ ପ୍ରକାଶ,
ଶାନ୍ତ ନିରବଧି ଝଡ଼ ବତାସ
କାଳ କାଳାନ୍ତର ବୁଢ଼େ ଉଦାସ,
କଲମ ଲେଖୁଛି ଶୋଷକ କିଏ
ରକତ ଝୁଣେ... କବି ମୁଁ ଜଣେ...... !

ଜୀବନଟା ଏଠି ପାଣି ଫୋଟକା
ତଥାପି ଚାଲିଛି ଭଲ ନାଟିକା,
ଭଲ ପାଖେ ମନ୍ଦ ବିନ୍ଧା ଛିଟିକା
କିଏ ଧରେ କା'ର ଆଖି ମିଟିକା,
ଦୁନିଆ ଭିତରେ କେମିତି କିଏ
ଅଜାଣି ଜାଣେ, କବି ମୁଁ ଜଣେ...... !

ପଲକ ପଡୁନି ଦେଖେ ସପନ
ଆଖିରେ ଭାସୁଚି କେତେ ଗୋପନ,
ବସନ୍ତ ଛଳରେ ତାପ ଦହନ
ଆଧାର କମୁଚି ଧାରେ ସହନ,
କେମିତି ବଞ୍ଚିବି ଜାଣୁନି ହାଏ
ମରଣ ଟାଣେ... କବି ମୁଁ ଜଣେ...... !

ଦୁଃଖରେ ସୁଖରେ ଯତି ପଡୁନି
ଆକାଶୀ ଡେଣାରେ ଉଡ଼ି ପାରୁନି,
ଲୁହକୁ କୋହରେ ମୋହ କରୁନି
ହୃଦୟ ବୀଣା ମୋ ଆଉ ଥରୁନି,
ଜୀଇଲା ଛାଞ୍ଚର କଙ୍କାଳ ଗୋଟେ
କରୁଣ ଶୁଣେ
କବି ମୁଁ ଜଣେ...... !


ରାଜ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦


## ଆଜି ଗାଁ କଥା ମନେ ପଡୁଛି
### ବର୍ଷାରାଣୀ ମହାମଲ୍ଲିକ



ଦୂର ପ୍ରବାସେ ଆଜି ଆସି ମୁଁ ରହୁଛି
ଏକା ଏକା ଭାରି ଲାଗୁଛି
ଆଜି ଗାଁ କଥା ମନେ ପଡୁଛି।।

ଗାଁ ପରିବେଶ ସକାଳ ସୂରୁଜ
ମନ କୁ ହରଣ କରେ
ସୁନ୍ଦର ଦିଶେ ତା ଅପୂର୍ବ ଚାହାଣୀ
ହୃଦୟେ ଆହ୍ଲାଦ ଆଣେ।
ଆମ୍ବ ତୋଟା ମାଳ, ପୋଖରୀ ର କୂଳ
ଛବି ତାର ଭାସି ଉଠୁଛି,
ଆଜି ଗାଁ କଥା ମନେ ପଡୁଛି।।

ଗାଁ ମନ୍ଦିର ର ଘଣ୍ଟି ଘଣ୍ଟ ଶବ୍ଦ
ଆଜି କାନେ ମୋର ବାଜି ଉଠୁଛି
ସୁମନ ଉପରେ ଭଅଁର ର ଗୁଞ୍ଜରଣ
ଗୁଞ୍ଜରିତ ସଦା ହେଉଛି।।
ପୁରୁଣା ସ୍ମୃତି ର ମିଠା ମିଠା ରୂପ
ମାନସ ପଟ ରେ ନାଚୁଛି,
ଆଜି ଗାଁ କଥା ମନେ ପଡୁଛି ।।
ସୁନ୍ଦର ଶ୍ୟାମଳ ତାର ବନରାଜି
ଖିଲି ଖିଲି ହସୁଥାଏ
ଦୂର ପରବତ ଚିତ୍ତ ଆକର୍ଷକ
ମନୋଲୋଭା ଦିଶୁଥାଏ
ତାର ମାଟି ପବନ ରେ ଏହି ଦେହ
ମୋର ସତେ ଗଢ଼ି ଉଠିଛି,
ଆଜି ଗାଁ କଥା ମନେ ପଡୁଛି ।।

ଗାଁ ପୋଖରୀ ର ପଦୁଅଁ ଫୁଲ
ଫୁଟେ କେଡ଼େ ଯତନ ରେ
ସବୁଜ ଶ୍ୟାମଳ ଧାନ କ୍ଷେତ ତାର
ଝୁଲି ଝୁଲି ନାଚୁଥାଏ
ଗାଁ ଭୁଆସୁଣୀ ଲାଜ ମୁରୁକି ହସଟି
ଭାବି ମତେ ହସ ଲାଗୁଚି,
ଆଜି ଗାଁ କଥା ମନେ ପଡୁଛି ।।

ଋତୁରାଜା ବସନ୍ତ ର ଆଗମନେ
କୋଇଲି ଗୀତ ଯେ ଗାଏ,
ଗୋଧୂଳି ବେଳା ରେ ବାହୁଡ଼ନ୍ତି ଗୋଷ୍ଠ ଦଳ
ମନେ ମୋର ପଡ଼ିଯାଏ
ମୋ ଜନମ ଭୂଇଁ ଟି ମୋ ପାଇଁ ଚନ୍ଦନ
ତାକୁ ମାଖିବା କୁ ଇଚ୍ଛା ହେଉଛି,
ଆଜି ଗାଁ କଥା ମନେ ପଡୁଛି ।।

ଋତୁ ରାଣୀ ବର୍ଷା ସିକ୍ତ କରିଦିଏ
ମୋର ଜନମଭୂଇଁ କୁ
ସଜାଇ ସେ ଦିଏ ଶ୍ୟାମଳ ବସନେ
ତାର ସମଗ୍ର ଦେହକୁ
ଗାଁ ଚାଷ ଆଉ ଚାଷୀ ର ସଙ୍ଗୀତ
ମନେ ମୋ ମୂର୍ଚ୍ଛନା ତୋଳୁଛି,
ଆଜି ଗାଁ କଥା ମନେ ପଡୁଛି ।।

ମନେ ପଡୁଛି ମୋ ମାଁ କୋଳ
ବାପା ଙ୍କର ଗେଲ କଥା
ଗାଁ ସାଙ୍ଗସାଥି ହସ କଉତୁକ
ଅଜା ଆଈ ଙ୍କର କଥା
ଇଚ୍ଛା ହେଉଛି ଫେରିଯିବା ପାଇଁ
ହେଲେ ଗାଁ କୁ ମୋହର
ଏଠୁ ନମସ୍କାର କରୁଛି,
ଆଜି ଗାଁ କଥା ମନେ ପଡୁଛି ।।


ଜିଲ୍ଲା :ବରଗଡ଼
(ମୋ) ୮୨୬୦୬୫୯୩୩୨

## ପୁଇଁନ୍ତଲା ବ୍ଲକ କୁମ୍ଭାର ସମାଜର ନିର୍ବାଚନ

ବଲାଙ୍ଗୀର ,୧୯/୫(ନି. ପ୍ର): ବୁବେଲ ଗ୍ରାମ ଠାରେ ତିରିଶ ଖଣ୍ଡ ଗ୍ରାମର ଶତାଧିକ ଗ୍ରାମ୍ୟ ସ୍ତରୀୟ କର୍ମକର୍ତ୍ତା ଙ୍କ ଉପସ୍ଥିତିରେ ପୁଇଁନ୍ତଲା ବ୍ଲକ କୁମ୍ଭାର ସମାଜର ପୁର୍ନଗଠନ କରାଯାଇଥିଲା । ସଭାପତି ଗୌର ରଣା, ସମ୍ପାଦକ କଳାକାହ୍ନୁ ରଣା, ସହ-ସଂପାଦକ ରାଜୀବ ରଣା, ଉପଖଣ୍ଡ ସଭାପତି ସତ କୁମାର ରଣା, ବିରପାର୍ଥ ରଣା, ଶ୍ରୀକର ରଣା, କୋଷ୍ଯାକ୍ଷ ମନୋଜ ରଣା, ଅଡିଟର ସୁଦାମ ରଣା, ମିଡିଆସେଲ ବୁଲୁ ରଣା ତଥା ଉପଦେଷ୍ଟା ମଣ୍ଡଳୀ ବିଶ୍ୱାମିତ୍ର ରଣା, ଅମିନ ରଣା, ରାଜେନ୍ଦ୍ର ରଣା, ଚପରାସି ରଣା, ଦଶରଥ ରଣା, ସତ୍ୟନାରାୟଣ ସର୍ବ ସମ୍ମତି କ୍ରମେ ନିର୍ବାଚନ ହୋଇଥିଲେ । ସମସ୍ତ କର୍ମକର୍ତ୍ତାଙ୍କୁ ନିର୍ବାଚନ ଅଧିକାରୀ ନିଳାଂଚଳ ରଣା, ଟଙ୍କଧର ରଣା ଶପଥ ପାଠ କରାଇଥିଲେ । ଏଥିରେ ପୁଇଁନ୍ତଲା ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ସଦସ୍ୟ ସହ ଜିଲ୍ଲା କମିଟିର ଉପଦେଷ୍ଟା ଅରୁଣ ରଣା, ଜୋନାଲ ସଭାପତି ବରୁଣ ରଣା, କୋଷ୍ଯାକ୍ଷ ନୃପରାଜ ରଣା, ଅନିଲ କୁମାର ରଣା, ପ୍ରମୋଦ ରଣା ଉପସ୍ଥିତ ଥିଲେ ।

## କିଟ ଏବଂ କିସ ପକ୍ଷରୁ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ସମାରୋହ

ଭଦ୍ରକ,୧୯/୫(ନି. ପ୍ର): ଭଦ୍ରକରେ ଜିଲ୍ଲା ସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳନ ସମାରୋହ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ବୈକୁଣ୍ଠ ବିଶ୍ୱାଳ ଙ୍କ ସଭାପତିତ୍ୱ ଏହି ଜିଲ୍ଲା ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗ ଦେଇ ଏହି ଜିଲ୍ଲା ସ୍ତରୀୟ ଆର୍ଟ ଏଫ ଗିଭିଙ୍ଗ ସମାରୋହ ଟିକୁ ଉଦଘାଟନ କରିବା ସହିତ ଆର୍ଟ ଏଫ ଗିଭିଙ୍ଗ ହେଉଛି ସାମ୍ପ୍ରତିକ ସମାଜ ପାଇଁ ଏକ ସମୟ ଉପଯୋଗୀ ଆଦର୍ଶ ଚିନ୍ତନ ବୋଲି କହିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ଭଦ୍ରକ ବିଧାୟକ ଙ୍କ ପ୍ରତିନିଧି ତଥା ସମାଜସେବୀ ଶେଖର ମହାପାତ୍ର. ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ, କିଟ ବିଶ୍ୱ ବିଦ୍ୟାଳୟ ର ନିର୍ଦ୍ଦେଶକ ସ୍ନେହାଶିଷ ରାଉତ ପ୍ରମୁଖ ଯୋଗ ଦେଇ ଆର୍ଟ ଅଫ ଗିଭିଂ ଦିବସ ପାଳନ ର ପରିକଳ୍ପନା କରିଥିବା ଡ଼ ଅଚ୍ୟୁତ ସାମନ୍ତ ଙ୍କ ଆଦର୍ଶ କାର୍ଯ୍ୟ ଓ ତାଙ୍କ ମାନବିକ ମୂଲ୍ୟ ବୋଧ ଉପରେ ଆଲୋଚନା କରିବା ସହିତ ସମସ୍ତେ ତାଙ୍କ ଭଳି ସମର୍ପିତ ମନୋଭାବ ନେଇ କାର୍ଯ୍ୟ କଲେ ଆର୍ଟ ଅଫ ଗିଭିଂର ଯଥାର୍ଥତା ପତିପାଦନ ହୋଇ ପାରିବ ବୋଲି କହିଥିଲେ । ଏହି ଅବସରରେ ଜିଲ୍ଲାର ରେ ସମର୍ପିତ ମନୋଭାବ ନେଇ ସମାଜ ସେବାରେ ବ୍ରତୀ ଥିବା ପୂର୍ବତନ ସରପଂଚ ଗୋଲକ ଚନ୍ଦ୍ର ସାମଲ, ବିଶିଷ୍ଟ ସମାଜସେବୀ ରାମ ଚନ୍ଦ୍ର ବେହେରା, ଆଦର୍ଶ ପ୍ରଧାନଶିକ୍ଷକ ନିରଞ୍ଜନ ସେଠୀ, ଆଦର୍ଶ ଶିକ୍ଷୟିତ୍ରୀ ଜୟନ୍ତୀ କର ଶର୍ମା, ଆଦର୍ଶ ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ରେ ଓଡିଶା ଟପର ହୋଇଥିବା ଛାତ୍ର କାବ୍ୟ ରଞ୍ଜନ ମାଝୀ, ଆଦର୍ଶ ସଂଗଠନ ଭାବେ ଜିଲ୍ଲାଏକତା ରକ୍ତଦାନ ସଂଗଠନ ଆଦିଙ୍କୁ ଆର୍ଟ ଅଫ ଗିଭିଂ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା । ଏହି ସମାରୋହ ରେ ଭଦ୍ରକ ର ବିଭିନ୍ନ ଅଂଚଳ ରୁ ପ୍ରାୟ ଦୁଇ ଶହ ରୁ ଅଧିକ ବୁଦ୍ଧିଜୀବୀ ଓ ଯୁବକ ଏବଂ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟ ରେ କିସ ଜିଲ୍ଲା ସଂଯୋଜକ ବିରେନ ମହାଲିକ ସୂଚନା ଦେଇଥିଲେ । ଶେଷରେ କିଟ ର କ୍ଷେତ୍ରୀୟ ଅଧିକାରୀ ଦୀପକ ବେହେରା ଧନ୍ୟବାଦ ଦେଇଥିଲେ ।

## ଭଦ୍ରକ ଜିଲ୍ଲା ଗ୍ରୀଷ୍ମକାଳୀନ ସାଇକେଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ,୧୯/୫(ନି. ପ୍ର): ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ନେହେରୁ ଷ୍ଟାଡିୟମ ଠାରେ ମଇ ୧ ତାରିଖ ଦିନ ଉଦଘାଟିତ ହୋଇଥିବା ଜିଲ୍ଲା ସ୍ତରୀୟ ସାଇକେଲ ପ୍ରଶିକ୍ଷଣ ଶିବିର ରବିବାର ପୂର୍ବାହ୍ଣରେ ଉଦଯାପିତ ହୋଇଛି । ଓଡିଶା ସାଇକ୍ଲିଂ ଆସୋସିଏସନ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ୫୦ ଜଣ ବାଳକ ବାଳିକା ଯୋଗ ଦେଇ ପ୍ରଭାବୀ ଢଙ୍ଗରେ ସାଇକେଲ ଚାଳନା ପାଇଁ ଆବଶ୍ୟକୀୟ କୌଶଳ ଆହରଣ କରିଥିଲେ । ଉଦଯାପନ ଉତ୍ସବରେ ଓଡିଶା ସାଇକ୍ଲିଂ ଆସୋସିଏସନ୍ ର ସାଧାରଣ ସମ୍ପାଦକ ପ୍ରସନ୍ନ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସାଇକେଲ କ୍ରୀଡ଼ାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ପରିଲକ୍ଷିତ ହେଉଛି ବୋଲି ମନ୍ତବ୍ୟ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଏ କ୍ରୀଡ଼ାର ମହତ୍ୱ ଓ ଉପକାରିତା ସମ୍ପର୍କରେ ବୁଝାଇଥିଲେ । ଅନ୍ୟତମ ଅତିଥି ରୂପେ ଭଦ୍ରକର ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ମହାନ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ । ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ର ସାଧାରଣ ସମ୍ପାଦକ ଧୀରେନ୍ ପଲାଇଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସଫଳତାର ଆୟୋଜିତ ହୋଇଥିଲା । ସାଇକେଲ ବିଭାଗ ସମ୍ପାଦକ ସଂଗ୍ରାମୀ ଦେବୀଦତ ନାୟକଙ୍କ ନେତୃତ୍ୱରେ ଗଠିତ ଆୟୋଜନ ସମିତିର ସଦସ୍ୟ ରୂପେ ନବନୀତା ନାୟକ, ସୁବାଷ ଗୋଛାୟତ, ସୂର୍ଯ୍ୟକାନ୍ତ ରାଉଳ ସହଯୋଗ କରିଥିଲେ । ହ୍ୟାପି ହୋମ୍ ସ୍କୁଲର କ୍ରୀଡା ଅଧ୍ୟାପକ ରବିନାରାୟଣ ଓଝା ସଂଯୋଜନା ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଆର୍ଦ୍ରତା ସତ୍ତ୍ୱେ ସାଇକେଲ କ୍ରୀଡା ପ୍ରତି ଶିବିରାର୍ଥୀ ଙ୍କ ଆଗ୍ରହ ଓ ଉତ୍ସାହ ସମସ୍ତଙ୍କୁ ପ୍ରଭାବିତ କରିଥିଲା ।

## ସମଲେଶ୍ୱରୀ ମନ୍ଦିରରେ ଆଲୋକ ଓ ଶବ୍ଦ ପ୍ରଦର୍ଶନୀ

ସମ୍ବଲପୁର,୧୯/୫(ନି. ପ୍ର): ଷୋଡ଼ଶ ଶତାବ୍ଦୀରେ ପ୍ରତିଷ୍ଠିତ ସମ୍ବଲପୁରର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ପରିସରରେ ଆଲୋକ ଓ ଶବ୍ଦ ପ୍ରଦର୍ଶନୀ ପୁନର୍ବାର ଆରମ୍ଭ ହୋଇଛି । ଗତ ସେପ୍ଟେମ୍ବର ମାସରୁ ଏହା ବନ୍ଦ ରହିଥିଲା । ଏଥିପାଇଁ ଆବଶ୍ୟକ ବିଭିନ୍ନ ଯନ୍ତ୍ରାଂଶ ଓ ଉପକରଣ ସକାଶେ ସ୍ଥାୟୀ ବ୍ୟବସ୍ଥା ହେବା ଉତାରୁ ଏହି ସୋ' ଶୁକ୍ରବାର ସନ୍ଧ୍ୟାରେ ପୁଣି ଥରେ ଆରମ୍ଭ ହୋଇଛି । ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ ବାବୁ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ, ସମଲେଶ୍ୱରୀ ଟେମ୍ପୁଲ୍ ଏରିଆ ମେନେଜମେଣ୍ଟ ଏବଂ ଲୋକାଲ ଇକୋନୋମିକ୍ ଇନିସିଏଟିଭ୍ (ସମଲେଇ) ପ୍ରକଳ୍ପରେ ଏହି ସୋ' ଆରମ୍ଭ ହୋଇଥିଲା । ଏହି ସୋ'ର ଅବଧି ପ୍ରାୟ ୧୦ ମିନିଟ୍ ସମୟର ରହିବ ଓ ଏଥିରେ ସମଲେଶ୍ୱରୀ ମନ୍ଦିରର ଇତିହାସ, ପରମ୍ପରା, ଯାନିଯାତ୍ରା ଏବଂ ପଶ୍ଚିମଓଡ଼ିଶାର ସଂସ୍କୃତି ପ୍ରଦର୍ଶନ କରାଯିବା । ମନ୍ଦିରକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହା ଆଉ ଏକ ଦର୍ଶନୀୟ ସ୍ଥଳ ହେବ । ସୂଚନାଯୋଗ୍ୟ ଯେ, ସମଲେଇ ପ୍ରକଳ୍ପରେ ୪୨ ଏକର ଜମି ଉପଯୋଗ କରାଯାଇ ୨୦୦ କୋଟି ଟଙ୍କାରେ ସୌନ୍ଦର୍ଯ୍ୟକରଣ ସହିତ ଆଳତୀ ଘାଟ, ହାଟ, କେଫେ, ଭୋଗ ମଣ୍ଡପ, ୪ଟି ପ୍ରବେଶ ଦ୍ୱାର, ୱାଚ୍ ଟାୱାର, ରିଭର ଫ୍ରନଟ, ନିର୍ମାଣ ସହିତ ଐତିହ୍ୟ ପୁଷ୍କରିଣୀର ନବୀକରଣ କରାଯାଇଛି ।ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଶ୍ରୀ ବାବୁ ସୂଚନା ଦେଇଛନ୍ତି । ଉକ୍ତ ସୋ'ର ପାଣ୍ଡୁଲିପି ବର୍ତମାନ ଓଡ଼ିଆ ଭାଷାରେ ରହିଛି ।

## ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୧୯/୫(ନି. ପ୍ର): ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ କୁମାର ପତି ଚଳିତ ମାସ ୩୧ ତାରିଖରେ ସରକାରୀ ଚାକିରୀରୁ ଅବସର ନେବେ । ଏହାର ଅବ୍ୟବହିତ ପୂର୍ବରୁ ଆଜି ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆଂଚଳିକ ଗୁରୁକୂଳ ସମାଜ ଆଗରପଡ଼ା ପକ୍ଷରୁ ସ୍ଥାନୀୟ ହେମପଦ୍ମ ଗାଲାକ୍ସି ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାକୁ ଶିକ୍ଷକ ଜଗନ୍ନାଥ ମଲ୍ଲିକ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ । ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ୍ଟ,ରାଷ୍ଟ୍ରପତି ପୁରଷ୍କାର ପ୍ରାପ୍ତ ଶିକ୍ଷକ ଶଶି ଶେଖର କରଶର୍ମା, ଶିକ୍ଷାବିତ୍ ତଥା ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ପ୍ରମୁଖ ବିଦାୟୀ ଥାନାଧିକାରୀଙ୍କ ସୁ ଗୁଣାବଳୀ ଓ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିବା ବେଳେ ଖୁବ୍ କମ୍ ସମୟର ଚାକିରୀ କାଳରେ ସମସ୍ତ ବର୍ଗର ଲୋକଙ୍କୁ ଆପଣାର କରି ପାରିଥିବା କହିଥିଲେ ଅତିଥି । ଏହି ଅବସରରେ ଥାନାଧିକାରୀ ଶ୍ରୀକାନ୍ତ କୁମାର ପତିଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧନାର ଉତରରେ ସ୍ୱଳ୍ପ ସମୟର ଚାକିରି କାଳରେ ବରପୁତ୍ର ମହତାବଙ୍କ ମାଟିରେ ଲୋକ ମାନଙ୍କ ଭଲପାଇବା ଓ ସମ୍ମାନକୁ କେବେ ଜୀବନରେ ଭୁଲି ହେବ ନାହିଁ ବୋଲି କହି ଆଗାମୀ ଦିନରେ ଆପଣମାନଙ୍କ ସାଙ୍ଗରେ ରହିବେ ବୋଲି କହିଥିଲେ । ଶିକ୍ଷକ ପଂଚାନନ ପୃଷ୍ଟିଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ହେମନ୍ତ ସିଂହ,ସ୍ତମ୍ଭକାର ସୁବୋଧ କୁମାର ସାହୁ, ଉପେନ୍ଦ୍ର ବିଶ୍ୱାଳ, ଚିତରଞ୍ଜନ ସାମନ୍ତରାୟ, ଅଧ୍ୟାପକ ଫକିର ଚରଣ ଶଙ୍ଖୁଆ,ପ୍ରଣୟ ସିଂହ, ବିମଳ କୁମାର ଦାସ, ଦେବେନ୍ଦ୍ର କୁମାର ପତି, ଗୋପବନ୍ଧୁ ଯେନା, ଅର୍ନ୍ତଯ୍ୟାମି ମଲ୍ଲିକ୍, ନିରଞ୍ଜନ ଖିଲାର,ସୁମତୀ ମାଝୀ, କୈଳାସ ପାଣିଗ୍ରାହୀ, ପଂଚାନନ ସାହୁ, ଶରତ ପଣ୍ଡା, କବିତା ପାଣିଗ୍ରାହୀ, ସୂଚିସ୍ମିତା ନାୟକ,ସାମ୍ବାଦିକ ଜିତେନ୍ଦ୍ର ଶତପଥି, ଅକ୍ଷୟ ସିଂହ, ଶୁଶାନ୍ତ ସାହୁ, ପ୍ରଦ୍ୟୁମ୍ନ ପୁହାଣ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ପତିଙ୍କ ସହଧର୍ମିଣୀ ଭାରତୀ ପତି ଓ ସୁପୁତ୍ର ହ୍ରିତିକ୍ ପତି ଉପସ୍ଥିତ ରହି ସଂକ୍ଷିପ୍ତ ବକ୍ତବ୍ୟରେ ଅଂଚଳ ବାସୀଙ୍କ ସ୍ନେହ,ଶ୍ରଦ୍ଧା ଓ ଭଲପାଇବା ଅବର୍ଣ୍ଣନୀୟ ବୋଲି କହିଥିଲେ । ଶେଷରେ ଏକ ଶୋଭାଯାତ୍ରାରେ ନିଆଯାଇ ଥାନାଧିକାରୀଙ୍କୁ କାର୍ଯ୍ୟାଳୟରେ ପହଂଚା ଯାଇଥିଲା ।

## ଜାଗୁଲା ଏବଂ ଧାମରା ପଂଚାୟତରେ ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା

ଭଦ୍ରକ,୧୯/୫(ନି. ପ୍ର): ପାକିସ୍ତାନୀ ଆତଙ୍କବାଦୀ ମାନଙ୍କୁ ଦମନ କରିବା ପାଇଁ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିଲା ଅପରେସନ ସିନ୍ଦୁର । ପାକିସ୍ତାନ ଆତଙ୍କବାଦୀ ଶିବିରକୁ ଖୋଜି ଖୋଜି ଧ୍ୱଂସ କରିଥିଲା ଭାରତୀୟ ସେନା ।ଭାରତୀୟ ସେନାର ବିଜୟ ଯାତ୍ରା ବିଶ୍ୱକୁ ଚକିତ କରି ଦେଇଥିବା ବେଳେ ଏହି ସାହାସୀ ଯବାନ ମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସାରା ଦେଶରେ ଆରମ୍ଭ ହୋଇଛି ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା । ଆଜି ଜାଗୁଲା ଏବଂ ଧାମରା ପଂଚାୟତରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ସଶକ୍ତ କରାଇବା ଏହାର ମୂଳ ଲକ୍ଷ ବୋଲି ମତ ପ୍ରକାଶ ପାଇଥିଲା ।ଆଜି ଏହି ଶୋଭାଯାତ୍ରା ନରସିଂହପୁର ରୁ ବାହାରି ଜାଗୁଲା ଏବଂ ଧାମରା ପଂଚାୟତ ଅତିକ୍ରମ କରିବା ପରେ ନରସିଂହପୁର ଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାରେ ସେନା ନିବୃତ କର୍ମଚାରୀ ନରହରି ମଲିକ ଭାରତୀୟ ବୀର ଜଓାନଙ୍କ ଗାଥା ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଆଜି ହୋଇଥିବା ଏହି ଶୋଭାଯାତ୍ରାରେ ଧାମରା ପଂଚାୟତର ସମିତି ସଭ୍ୟ ପାପା ଜେନା, ଧାମରାଇ ମଣ୍ଡଳ ସଭାପତି ଟୁଲୁ ପ୍ରଧାନ,ଅଭିମନ୍ୟୁ ରାଉତ, ଜାଗୁଲା ପଂଚାୟତ ସମିତି ସଭ୍ୟ ସଂଯୁକ୍ତା ଦାସ, ଧାମରା ସରପଂଚ ମଲି ମାଝୀ, ଅର୍ଜୁନୀ ମାଝୀ, ସୁବାଶ ଦାସ,ନିକୁଞ୍ଜ ମଲିକ, ସନ୍ଦୀପ ମହାନ୍ତି, ରସିଦ ଖାନ, ଅକ୍ଷୟ ବେହେରା, ମାନସ ନାୟକ, ବସନ୍ତ ଖିଲାର, ଦେବବ୍ରତ ବିଶ୍ୱାଳ, ଅମଳେନ୍ଦୁ ବେରା, ସୁକଦେବ ମଣ୍ଡଳ, ପ୍ରହ୍ଲାଦ ସ୍ୱାଇଁ, ନିରୋଦ କୁମାର ନାୟକ,ମଦନ ଆଦେକ, ଅରବିନ୍ଦ ମାନ୍ନା, ତପନ ସାହୁ, ମାନଗୋବିନ୍ଦ ପରିଡା, ଦୀପକ ପରିଡା, ପ୍ରବୀର ବେରା, ଅଶୋକ ରାଉତ ଙ୍କ ସମେତ ୬ଶହରୁ ଉର୍ଦ୍ଧ ପଂଚାୟତବାସୀ ଏହି ଶୋଭାଯାତ୍ରାରେ ସାମିଲ ଥିଲେ ।

## ଓଡ଼ିଶାର ସ୍କୁଲ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ: ରାଜ୍ୟସରକାରଙ୍କ ଉଦ୍ୟମକୁ କଲେ ପ୍ରଶଂସା

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯/୫(ନି. ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାର ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ଯେଉଁଥିରେ ରାଜ୍ୟରେ ସ୍କୁଲ ଶିକ୍ଷାର ବିଭିନ୍ନ ପଦକ୍ଷେପ ଉପରେ ବିସ୍ତାର ଭାବେ ଆଲୋଚନା କରାଯାଇଛି । ବୈଠକରେ ସ୍କୁଲ ଭିତ୍ତିଭୂମିର ଉନ୍ନତ, ପାଠ୍ୟପୁସ୍ତକ ବିକାଶ, ଶିକ୍ଷକ ପ୍ରଶିକ୍ଷଣ ଓ ଜାତୀୟ ଶିକ୍ଷା ନୀତି ୨୦୨୦ର କ୍ରିୟାନ୍ୱୟନ ପରି ବିଷୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । କେନ୍ଦ୍ରୀୟ ମନ୍ତ୍ରୀ ଓଡିଶା ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ଦ୍ୱାରା ଚାଲୁଥିବା ଘରେ ଘରେ ସର୍ବେକ୍ଷଣ କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି, ଯାହାକି ବିଦ୍ୟାଳୟ ଛାଡ଼ିଦେଇଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ କରାଯାଉଛି । ସେ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟଧାରାରେ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ନିଜ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, 'ଓଡିଶାରେ ଡବଲ ଇଞ୍ଜିନ ସରକାର ମିଶନ ମୋଡ୍‌ରେ କାମ କରୁଛି, ଯାହା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଶିକ୍ଷାର ସାର୍ବଜନୀନ ପହଂଚିବା ସୁନିଶ୍ଚିତ ହେଉ, ସମାନତାକୁ ବୃଦ୍ଧି ମିଳୁ ଏବଂ ଶିଶୁମାନଙ୍କର ପୋଷଣ ଓ ଶିକ୍ଷାଗତ ମାନଦଣ୍ଡରେ ସୁଧାର ଆଣୁ ।' ସମୀକ୍ଷାରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଓ ସମଗ୍ର ଶିକ୍ଷା ପରି ପ୍ରମୁଖ ଯୋଜନାଗୁଡ଼ିକର ପ୍ରଗତି ବିଷୟରେ ଆଲୋଚନା ହୋଇଛି । ଏହାସହିତ, ନୂତନ ଜାତୀୟ ପାଠ୍ୟକ୍ରମ ଢଂଚା ଅନୁଯାୟୀ ପାଠ୍ୟପୁସ୍ତକ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରତି ଜୋର ଦିଆଯାଇଛି । ବିଶେଷତଃ ଓଡିଶାର ସ୍ଥାନୀୟ ଓ ସାଂସ୍କୃତିକ ବିଶେଷତାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପ୍ରୟାସକୁ ବି ପ୍ରଶଂସା କରାଯାଇଛି, ଯାହା ଛାତ୍ରଛାତ୍ରୀଙ୍କୁ ରାଜ୍ୟର ପରିଚୟ ସହିତ ଯୋଡିହୋଇ ଶିଖିବାର ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକାରୀ କରାଯାଇପାରିବ । କେନ୍ଦ୍ର ମନ୍ତ୍ରୀ ଏହା ବି ଆଶ୍ୱସ୍ତ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡିଶାର ଶିକ୍ଷା ପ୍ରଣାଳୀକୁ ୨୧ତମ ଶତାବ୍ଦୀର ଆବଶ୍ୟକତା ଅନୁଯାୟୀ ଆଧୁନିକ ଓ ପ୍ରଗତିଶୀଳ କରିବା ପାଇଁ ସଂପୂର୍ଣ୍ଣ ଭାବେ ପ୍ରତିବଦ୍ଧ । ସେ କହିଛନ୍ତି, 'ଆମେ ବିକାଶଶୀଳ ଓଡିଶା ଓ ବିକାଶଶୀଳ ଭାରତ ଲକ୍ଷ୍ୟ ପ୍ରତି ନିରନ୍ତର କାର୍ଯ୍ୟ କରୁଛୁ ।'

## ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ନିକଟରେ ଲାଗି ହେଲା ରୁପା ଅଳଙ୍କାର

ଜୟପୁର,୧୯/୫(ନି. ପ୍ର): ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ନିକଟରେ ଆଜି ରୁପା ଅଳଙ୍କାର ଲାଗି କରାଯାଇଛି । ମାଙ୍କ ପ୍ରଭା, ଦୁଇଟି ରୁପା ପାଦ, ରୁପାର ସିଂହ ଦୁଇଟି, ସିଂହାସନ ରୁପାରେ ନିର୍ମିତ ହୋଇଛି । ଭଗବତି ପୁଜା କମିଟି ଓ ସେବା ଟ୍ରଷ୍ଟ ର ମିଳିତ ଉଦ୍ୟମରେ ନିର୍ମିତ କରାଯାଇଛି । ମା ଙ୍କ ନିକଟରେ ଲାଗି କରାଯାଇଛି । ମାଙ୍କ ନିକଟରେ ୧୯ କେଜି ଓଜନର ରୁପା ଅଳଙ୍କାର ଲାଗି କରାଯାଇଛି । ଯାହାକି ମା ନିକଟରେ ରୁପା ଅଳଙ୍କାର ଲାଗି କରାଯାଇ ପୁଜା ପାଠ କରାଯିବ ବୋଲି ଭଗବତିଙ୍କ ମୁଖ୍ୟ ପୁରୋହିତ ଧିରେନ୍ଦ୍ର ରଥ ସୂଚନା ଦେଇଛନ୍ତି ।

## କିଶୋର ସାମଲଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଲା ପୁରାତନ ଛାତ୍ର ସଂସଦ

ଭୁବନେଶ୍ୱର,୧୯/୫(ନି. ପ୍ର): ଲୋକପ୍ରିୟ ସଂଗଠକ, ଜଣାଶୁଣା ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କାଉନସିଲର ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ରବିବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସନ୍ନିକଟ କଳାନିକେତନ କ୍ଲବ ପରିସରରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଉପାଧକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌର ସଂସ୍ଥାର ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଜେପିର ବରିଷ୍ଠ ନେତା ପ୍ରଶାନ୍ତ କୁମାର ହୋତା ଏବଂ କଟକ ଜିଲ୍ଲା ଯୁବ କଂଗ୍ରେସର ବରିଷ୍ଠ ନେତା ଜୀନେଶ ଦାସଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସ୍ୱର୍ଗୀୟ ସାମଲଙ୍କ ସମାଜସେବା ଏବଂ ଚୌଦ୍ୱାର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଶେଷ ଅବଦାନ ସର୍ବୋପରି ଗରିବ ଲୋକମାନଙ୍କୁ ସହାୟତା ପ୍ରଦାନ କରିବାର ଅଗ୍ରଣୀ ଭୂମିକା ଉପରେ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଚୌଦ୍ୱାର କଲେଜର ପ୍ରତିଷ୍ଠା, କଲେଜର ପ୍ରତିଷ୍ଠାତା ରାଜକିଶୋର ରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଚୌଦ୍ୱାର କଲେଜ ଛାତ୍ର ସଂସଦ ଗଠନ ଠାରୁ ଆରମ୍ଭ କରି ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମରେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ସ୍ୱର୍ଗତଃ ସାମଲଙ୍କ ଅକାଳ ବିୟୋଗ ସମଗ୍ର ଅଞ୍ଚଳ ପାଇଁ ଏକ ବଡ଼ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବର୍ତ୍ତମାନ ସମାଜରେ ଏଭଳି ନିସ୍ୱାର୍ଥପର ସେବକଙ୍କର ଅଭାବ ପରିଲକ୍ଷିତ ହେଉଛି ବୋଲି ସେମାନେ କହିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ କାଉନସିଲର ବିଷ୍ଣୁଚରଣ ପରିଡ଼ା, କିରଣବାଳା ନାୟକ, ଯାଜପୁର ଜିଲ୍ଲା ପରିଷଦ ୨୦ ନମ୍ବର ଜୋନ୍ ସଭ୍ୟା ଜୟଶ୍ରୀ ସାମଲ, ଆନନ୍ଦ ସାମଲ, ନିର ସାମଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନୁରୂପ ଭାବେ ପୁରାତନ ଛାତ୍ର ସଂସଦର ସମ୍ପାଦକ କେଶବ ସାହୁ, ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ସାହୁ, ଝୁଲେନ୍ଦ୍ର ନାୟକ, ଅଞ୍ଜନ କୁମାର ଜେନା, ରବୀନ୍ଦ୍ର କୁମାର ମହାପାତ୍ର, ସୌମିତ୍ର ସ୍ୱାଇଁ, ମୁରଲୀଧର ବେଉରା, ବିଜୟ ବେହେରା, ହରିହର ପରିଡ଼ା, କୈଳାସ ସାହାଣୀ, କ୍ଷୀରୋଦ ବେହେରା, ବିଚିତ୍ରାନନ୍ଦ ସାହୁ, ଗଙ୍ଗାଧର ସାହୁ, ଅଜୟ କୁମାର ବଳ, ଲିଙ୍ଗରାଜ ମୁଦୁଲି, ହେମନ୍ତ ମହାନ୍ତି, ବିଜୟ ସ୍ୱାଇଁ, ବିଜୟ ନାୟକ, ଦୀପକ ପରିଜା, ଶ୍ରୀକାନ୍ତ ବେହେରା, ସରୋଜ ନାୟକ, ରାଜୀବ ମହାନ୍ତି, ରାଜକିଶୋର ସାମନ୍ତରାୟ, ସମର ନାୟକ, ହିମାଂଶୁ ସାହୁ, ଅବୋଧ ନାୟକ, ଛବିନ ନାୟକ, ମକରନ୍ଦ ମାହାଳି, ରାମଚନ୍ଦ୍ର ଓଝା, ଲାଲମୋହନ ପରିଡ଼ା, ମୋହନଚାନ୍ଦ ନାୟକ, ସୁବାଷ ଦଳେଇ, ଶ୍ରୀନିବାସ ସାହୁ, କିଶୋର ନାରାୟଣ ସାହୁଙ୍କ ସମେତ ବହୁ ପୁରାତନ ସଭ୍ୟସଭ୍ୟା ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ୍ ହୋଇ ସ୍ୱର୍ଗୀୟ ସାମଲଙ୍କ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।

## ଦୋଳସାହି ଆରଏନ ହାଇସ୍କୁଲ୍ ୧୯୮୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ପର୍ବ: ପୂର୍ବ ସ୍ମୃତିକୁ ଉଜ୍ଜୀବିତ କରେ ବନ୍ଧୁ ମିଳନ

ଭଦ୍ରକ,୧୯/୫(ନି. ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ସ୍ଥିତ ରାମନାରାୟଣ ହାଇସ୍କୁଲର ୧୯୮୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଆଡମ୍ବର ସହକାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୁରାତନ ଛାତ୍ର କମଳାକାନ୍ତ ଖାମୁରାଇଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶୁଭସ୍ମିତା ତ୍ରିପାଠୀ ଯୋଗଦେଇ ପୂର୍ବ ସ୍ମୃତିକୁ ଉଜ୍ଜୀବିତ କରେ ବନ୍ଧୁ ମିଳନ ଉତ୍ସବ ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ଡା. ଅଜୟ କୁମାର ପଣ୍ଡା ଯୋଗଦେଇ ବନ୍ଧୁ ମିଳନ ସମସ୍ତଙ୍କୁ ଏକତ୍ରିତ କରିବାର ଏକ ମାଧ୍ୟମ ବୋଲି କହିଥିଲେ ।ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ଦୀକ୍ଷିତ, କୈଳାସ ଚନ୍ଦ୍ର ବଳଙ୍କୁ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରଲୋକଗତ ଶିକ୍ଷକ ଅବଦୁଲ କାଲାମଖାଁନଙ୍କୁ ମରଣତୋର ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ୱର୍ଗତ ଶିକ୍ଷକଙ୍କ ପତ୍ନୀ ଖାଜିଯା ବିବି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ପୁରାତନ ଛାତ୍ର ବ୍ରଜେନ୍ଦ୍ର ସେନାପତି ଅତିଥି ପରିଚୟ ଓ ଗୋପୀନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷିତ ହୋଇଥିବା ବେଳେ ଦିବଂଗତ ଶିକ୍ଷକ ଓ ଛାତ୍ରଙ୍କ ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ପରିଚୟ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଭୟ ପାଢ଼ୀ, ଅନୁପ୍ରଭା ଗୋଛାୟତ, ଦିଲୀପ କୁମାର ଭଞ୍ଜ, ରବୀନ୍ଦ୍ର ମହାନ୍ତି, ରଘୁନାଥ ଭଞ୍ଜ, ରାମଚନ୍ଦ୍ର ମଲ୍ଲିକ, ଗୀତାଞ୍ଜଳି ପାତ୍ର, ପ୍ରଣୟିନୀ ରାୟ, ରୀନାରାଣୀ ସ୍ୱାଇଁ, ପର୍ଶୁରାମ ପାଣିଗ୍ରାହୀ, ଧ୍ରୁବ ଚରଣ ଗିରି, ନିର୍ମଳା ସାହୁ ପ୍ରମୁଖ ଯୋଗଦେଇ ନିଜର ଅନୁଭୂତି ବଖାଣିଥିଲେ । ପୁରାତନ ଛାତ୍ର ଦେବବ୍ରତ ସେନାପତି, ବୈଲୋଚନ ମଲ୍ଲିକ, ପୀତାମ୍ବର ସାହୁ, ଅନସୂୟା ନାଥ, ରାଜେନ୍ଦ୍ର ବେହେରା, ରମାକାନ୍ତ ନାୟକ, ସୀତାକାନ୍ତ ମହାରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପାରିବାରିକ କଳହରୁ ଯୁବକ ରଶି ଲଗାଇ ଆତ୍ମହତ୍ୟା ଅଭିଯୋଗ

ଘଟଗାଁ ,୧୯/୫(ନି. ପ୍ର): ପାରିବାରିକ କଳହ ରୁ ଜଣେ ଯୁବକବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସୁଚନା ରୁ ଜଣାଯାଏ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ର ସ୍ୱର୍ଗତ ଘନଶ୍ୟାମ ନାୟକ ଙ୍କ ପୁଅ ହାବୁଲ୍ ନାୟକ (୪୫) ପଚାଙ୍ଗ ଗ୍ରାମର ରାମଚଂନ୍ଦ୍ର ଝାଲିଆ ଙ୍କ ଝିଅ ଚଂଚଳା ନାଇକ (୩୦) କୁ ବିବାହ କରିଥଲେ ହାବୁଲ୍ ନିଶା ଶକ୍ତ ଅବସ୍ଥାରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିବା ବେଳେ ଗତ ସୋମବାର ଦିନ ହାବୁଲ ନିଜ ସ୍ତ୍ରୀ କୁ ମଦପିଇ ମରିଥିଲା ପରେ ଚଂଚଳା ନିଜ ବାପ ଘର କୁ ଚାଲିଯାଇଥିଲା ପରବର୍ତ୍ତୀ ସମୟରେ ହାବୁଲ୍ ଶଶୁର ଘାର କୁ ଯାଇ ବ୍ୟାଙ୍କ ଆକାଉଂଟ ରେ ଥିବା ଟଙ୍କା ଉଠାଇବା ପାଇଁ ବ୍ମ କରିଥିଲା ହେଲେ ସ୍ତ୍ରୀ ଝିଅ ବାହାଘର ପାଇଁ ଥିବା ଟଙ୍କା ଉଠାଇବା ପାଇଁ ରାଜି ହୋଇ ନ ଥିଲେ ଏଥିରେ ହାବୁଲ୍ ବିରକ୍ତ ହୋଇ ଘର କୁ ଚାଲି ଆସିଥିଲେ ଶନିବାର ଦିନ ସାରା ନିଶା ସକ୍ତ ଅବସ୍ଥାରେ ବୁଲୁଥିବା ବେଳେ ଶନିବାର ରାତି ୯ ସମୟ ରେ ବେକରେ ରାଶି ବାନ୍ଧି 'ଫାନ୍ ଝୁଲି ଆତ୍ମ ହତ୍ୟା କରିଥିବା ଜଣା ପଡ଼ିଛି । ସ୍ଥାନୀୟ ଲୋକ ଝୁଲନ୍ତା ଶବ ଦେଖିବା ପରେ ପରିବାର ଲୋକ ଦେଖିଥିଲେ ପରେ ପୋଲିସ କୁ ଖବର ଦେଇଥିଲେ । ଘଷିପୁରା ପୋଲିସ ପହଂଚି ଶବ ଉଦ୍ଧାର କରି ତୁରନ୍ତ ଆନନ୍ଦପୁର ଡାକ୍ତରଖାନା କୁ ନେଇ ଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ରେ କୈଣସି ପ୍ରକାର ଝଗଡା ହୋଇ ଆତ୍ମହତ୍ୟାର କାରଣ ସ୍ପଟ ଜଣା ପଡିଥିବା ବେଳେ ଶବ ବ୍ୟବଚ୍ଛେଦ କରାଯାଇ ପରିଚାର ଙ୍କୁ ହସ୍ତାନ୍ତର କରା ଯାଇଛି । ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ।

## ଯାଜପୁରର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା

ଧର୍ମଶାଳା,୧୯/୫(ନି. ପ୍ର): ଗତ ୭ ତାରିଖରେ ହୋଇଥିବା 'ଅପରେସନ ସିନ୍ଦୂର'ର ସଫଳତା ପରେ ସେନାଙ୍କୁ ପ୍ରେରଣା ଦେବା ପାଇଁ ଦେଶରେ ଆରମ୍ଭ ହୋଇଛି 'ତ୍ରିରଙ୍ଗା ଯାତ୍ରା' ଏହି ଯାତ୍ରାକୁ ଏବେ ସହର କିମ୍ବା ସଦର ମହକୁମାରେ ସୀମିତ ନ ରଖି ସବୁ ପଂଚାୟତ ଓ ଗ୍ରାମରେ ପାଳନ କରାଯିବାକୁ ନିସ୍ପତି ନିଆଯାଇଛି । ଏହି କ୍ରମରେ ଆଜି ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଜିଲାର ବଡଚଣା ଓ ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳୁ ସକାଳୁ ବଡଚଣା ବ୍ଲକ ଶାନ୍ତିପୁର ପଂଚାୟତରେ ଯୁବ ସଂଗଠକ ପ୍ରମୋଦ କୁମାର ପଲେଇଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ହାତରେ ଜାତୀୟ ପତାକା ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ସେହିପରିଭାବେ ରସୁଲପୁର ବ୍ଲକ ବ୍ରହ୍ମବରଦା ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ସାଂସଦଙ୍କ ପ୍ରତିନିଧି ତଥା ବରିଷ୍ଠ ଭାଜାପା ନେତା କାହ୍ନୁ ଚରଣ ଦାଶ,ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ବିବେକାନନ୍ଦ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ରତିକାନ୍ତ ରାଜବଂଶୀ,ବ୍ରହ୍ମବରଦା ମଣ୍ଡଳ ସଭାପତି ସଭାପତି ମିଥୁନ କୁଣ୍ଡୁ,ପ୍ରଦିପ ଦାସ,ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ ଗିରି,କୃଷକ ମୋର୍ଚ୍ଚା ଉପସଭାପତି ସୌଭାଗ୍ୟ ମିଶ୍ର,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିଲ ରାଉତ, ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ମହାରଣା,୩୧ ନଂ ଜୋନ ପୂର୍ବତନ ସଭାପତି ବୀରସେନ ରାଉତ ଓ ୩୫ ନଂ ଜୋନ ପୂର୍ବତନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ପତି ପ୍ରମୁଖ ସାମିଲ ହୋଇଥିଲେ । ମଙ୍ଗରାଜପୁର ପଂଚାୟତ ଖଣ୍ଡାସ ଛକଠାରୁ ଏକ ଶୋଭାଯାତ୍ରା ବାହାରି ମହେଶ୍ୱରପୁର ପଂଚାୟତ ଦେଇ ବ୍ରହ୍ମବରଦା ତାରିଣୀଛକ ଠାରେ ଶେଷ ହୋଇଥିଲା । କର୍ମୀମାନେ ସ୍ଲୋଗାନ ଦେଇ ବୀର ଯବାନମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଦେବବ୍ରତ ଦାସ, ସଂଜୟ ବେହେରା, ସାଗରଦୀପ ମହାନ୍ତି, ନିଶିଭଦ୍ର ଜେନା, ଅଂଶୁଭଦ୍ର ବେହୁରିଆ, ଅଂଶୁ ବାରିକ, ହେମନ୍ତ କୁମାର ଦାସ, ଭରତ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ଦୀପକ ରାଉତ, ଅଚ୍ୟୁତାନନ୍ଦ ମହାଳିକ, ଚିଂତରଂଜନ ଦାସ, ସଂଜୟ ପଣ୍ଡା, ଚିତରଂଜନ ଗନ୍ତାୟତ, ପ୍ରଶାନ୍ତ ଦାସ, ସିପୁନ ଘଡାଇ, ଜୟନ୍ତୀ ନାୟକ ଓ ସତ୍ୟଭାମା ଜେନା ପ୍ରମୁଖ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଅନଙ୍ଗ, ମନୋଜ ଓ ପ୍ରମିଳା: ଉଦଳା ରାଜନୀତିର ସବୁଠୁ ଅଧିକ ଚର୍ଚ୍ଚିତ ଚେହେରା



ଉଦଳା , ୧୯/୫ (ନି.ପ୍ର): ଉଦଳାର ରାଜନୀତି ସମଗ୍ର ଓଡ଼ିଶାର ବିରଳ ବୋଲି ବହୁ ଜ୍ଞାନିଗୁଣି ଲୋକଙ୍କ ମୁଖରୁ ଶୁଣିବାକୁ ମିଳିଥାଏ । ଯେଉଁଥିପାଇଁ ଉଦଳାର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ତେବେ ଉଦଳା ରାଜନୀତି ସହିତ ପ୍ରତକ୍ଷ ଭାବରେ ଜଡ଼ିତ ଥିବା କିଛି ନେତା ଓ ନେତ୍ରୀଙ୍କ ନାମ ବହୁଳ ଭାବରେ ବିଭିନ୍ନ ମହଲରେ ଚର୍ଚ୍ଚାର ପରିସରକୁ ଆସିଥାଏ । ସେମାନଙ୍କ ମଧ୍ୟରେ ଅନଙ୍ଗ ସେନାପତି, ମନୋଜ କୁମାର ମହାନ୍ତି ଓ ପ୍ରମିଳା ପଣ୍ଡାଙ୍କ ନାମ ରହିଛି ଆଗଧାଡ଼ିରେ । ଅନଙ୍ଗ ସେନାପତି, ଉଦଳା ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥି ଭାବରେ ରଣାଙ୍ଗନରେ ଅବତିର୍ଣ୍ଣ ହୋଇଥିଲେ । ଜଣେ ଦକ୍ଷ ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଭାବରେ ପ୍ରତକ୍ଷ ରାଜନୀତିକୁ ତାଙ୍କର ଆଗମନ ସମଗ୍ର ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ଖେଳାଇ ଦେଇଥିଲା ଭିନ୍ନସ୍ୱାଦର ଉତ୍ସାହ । ତାଛଡ଼ା ଉଦଳାରେ ଗଢ଼ିଉଠିଥିବା ଶିକ୍ଷକ ସଂଘ ଓ ବାଥୁଡ଼ି ଜନଜାତିର ମେଳି ଭୋଟ ବ୍ୟାଙ୍କ ଭାବରେ ପରିଚିତ। ଅନଙ୍ଗ ସେନାପତି ନିଜେ ଜଣେ ଶିକ୍ଷକ ଥିବାରୁ ଅବସରପ୍ରାପ୍ତ ଶିକ୍ଷକ ସଂଘ ଓ କାର୍ଯ୍ୟରତ ଶିକ୍ଷକ ସଂଘ ଦୁଇଟିଯାକ ସଂଘରୁ ତାଙ୍କୁ ପୂର୍ଣ୍ଣ ସମର୍ଥନ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳିଥିଲା । ତାଛଡ଼ା ବାଥୁଡ଼ି ଜନଜାତିଙ୍କ ଭୋଟ ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ସବୁଠାରୁ ଅଧିକ । ଅନଙ୍ଗ ସେନାପତି ନିଜେ ବାଥୁଡ଼ି ଜନଜାତିର ହୋଇଥିବାରୁ ତାଙ୍କ ପ୍ରତି ସମର୍ଥନ ନିଶ୍ଚୟ ରହିବ ଏଥିରେ ସନ୍ଦେହ ନାହିଁ ବୋଲି ସାଧାରଣରେ ଦୃଢ଼ୋକ୍ତି ପ୍ରକାଶ ପାଇଥିଲା । ସବୁ ପ୍ରକାର ଅନୁକୂଳ ବାତାବରଣ ସତ୍ତ୍ୱେ କ୍ରମାଗତ ଦୁଇଥର ତାଙ୍କୁ ପରାଜୟର ମୁଖ ଦେଖିବାକୁ ପଡ଼ିଥିଲା । ସେ ଥରଟିଏବି ନିର୍ବାଚନରେ ଜିତିପାରିନାହାଁନ୍ତି ସତ୍ୟ କିନ୍ତୁ ତାଙ୍କର ଯୋଗ୍ୟତା, ଦକ୍ଷତା ପାଇଁ ଆଜିବି ଜ୍ଞାନି, ଗୁଣି ଲୋକଙ୍କ ମହଲରେ ବହୁଳ ଭାବରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳିଥାଏ । ଏହିଭଳି ଅନଙ୍ଗ ସେନାପତି ଉଦଳା ରାଜନୀତିର ଜଣେ ଚର୍ଚ୍ଚିତ ବ୍ୟକ୍ତି ଭାବରେ ରହିଛନ୍ତି ଆଗଧାଡ଼ିରେ । ସେହିପରି ରାଜନୀତି ଗୋଟି ଚାଳନାରେ ସବୁକିଛିକୁ ଓଲଟ ପାଲଟ କରିଦେଉଥିବା ମଣିଷଙ୍କ ଭିତରେ ମନୋଜ କୁମାର ମହାନ୍ତି ରହିଛନ୍ତି ସବୁଠାରୁ ଆଗରେ । ଯେଉଁଥିପାଇଁ ଉଦଳା ରାଜନୀତିର ଚାଣକ୍ୟ ଭାବରେ ସେ ପରିଚିତ । ଥରେ ପ୍ରତକ୍ଷ ଓ ଥରେ ପରୋକ୍ଷ ନିର୍ବାଚନରେ ବିଜୟି ହୋଇ ସେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୨ଥର ନଗରପାଳ ପଦ ଦଖଲ କରିପାରିଥିଲେ । ମନୋଜ କୁମାର ମହାନ୍ତିଙ୍କୁ ବାଦ ଦେବା ପରେ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ପ୍ରାର୍ଥି ୨ଥର ନଗରପାଳ ପଦ ଦଖଲ କରିପାରି ନାହାଁନ୍ତି । ଖାଲି ସେତିକି ନୁହେଁ ଅତିତରେ ତାଙ୍କୁ ବିଜୁ ଜନତାଦଳରୁ ନିଲମ୍ବିତ କରାଯାଇଥିଲା । ଏତିକିବେଳେ ଶୁଣିବାକୁ ମିଳିଲା ସେ ଅନ୍ୟ ଦଳକୁ ଚାଲିଯିବେ କିମ୍ବା ରାଜନୀତିରୁ ସନ୍ୟାସ ନେବେ । କିନ୍ତୁ ସେ ଅନ୍ୟ ଦଳକୁ ଯାଇନଥିଲେ କିମ୍ବା ରାଜନୀତିରୁ ସନ୍ୟାସ ନେଇନଥିଲେ । ସେଥର (୨୦୧୩ ମସିହା) ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାଚନରେ ସେ ବିଭିନ୍ନ ୱାର୍ଡ଼ରେ ସ୍ୱାଧିନ ପ୍ରାର୍ଥି ଛିଡ଼ା କରାଇଥିଲେ । ସେ ଛିଡ଼ା କରାଇଥିବା ସ୍ୱାଧିନ ପ୍ରାର୍ଥି ମାନଙ୍କର ଚିହ୍ନ (ସାଇକଲ) ଥିଲା । ଆଶ୍ଚର୍ଯ୍ୟ ଜନକ ଭାବରେ କଂଗ୍ରେସ, ବିଜୁ ଜନତାଦଳ, ଭାରତୀୟ ଜନତା ପାର୍ଟି, ଝାଡ଼ଖଣ୍ଡ ପ୍ରଭୃତି ଦଳକୁ ଟକ୍କର ଦେଇ ସେ ମୋଟ ୧୨ ଗୋଟି ୱାର୍ଡ଼ରୁ ନିଜକୁ ମିଶାଇ ୫ ଜଣ ସ୍ୱାଧିନପ୍ରାର୍ଥିଙ୍କୁ ଜିତାଇବାରେ ସକ୍ଷମ ହୋଇପାରିଥିଲେ । ଏପରିକି ବିଜୁ ଜନତା ଦଳରୁ ଶଙ୍ଖ ଚିହ୍ନରେ ସେଥର ଛିଡ଼ା ହୋଇଥିବା ସବୁଯାକ ପ୍ରାର୍ଥିଙ୍କୁ ପରାଜୟର ମୁଖ ଦେଖିବାକୁ ପଡ଼ିଥିଲା । ରାଜନୀତି ଗୋଟି ଚାଳନା ଓ ନିର୍ବାଚନ ରଣାଙ୍ଗନରେ ପରାକ୍ରମର ଦକ୍ଷତା ତାଙ୍କଠାରେ କେତେ ଅଧିକ ତାହା ଏଥିରୁ ବେଶ ସ୍ପଷ୍ଟ ବାରିହୋଇପଡ଼ିଥିଲା । ଏହିଭଳି ମନୋଜ କୁମାର ମହାନ୍ତି ଉଦଳା ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା ଅଟନ୍ତି । ଏହାପରେ ପ୍ରମିଳା ପଣ୍ଡାଙ୍କ ନାମଟି ଚର୍ଚ୍ଚାକୁ ଆସୁଛି । ଉଦଳା, ଶ୍ରୀମତି ପଣ୍ଡାଙ୍କର ଶାଶୁଘର ନୁହେଁ କି ବାପଘର ନୁହେଁ । ଟଙ୍କା ଫିଙ୍ଗି ଭୋଟି କିଣିନେବାର ଦକ୍ଷତା ମଧ୍ୟ ତାଙ୍କ ନିକଟରେ ନାହିଁ । ଏପରିକି ସେ ଯେଉଁ ସମୟରେ ଉଦଳାର ନଗରପାଳ ପଦ ପାଇଁ ରଣାଙ୍ଗନକୁ ଓହ୍ଲାଇଲେ ସେତିକି ବେଳେ ସମଗ୍ର ଜିଲ୍ଲାରେ ବିଜୁ ଜନତାଦଳର ମାହୋଲ ବେଶ ସକ୍ରିୟ ଥିଲା । ପ୍ରମିଳା ପଣ୍ଡାଙ୍କ ନିକଟରେ କେବଳ ଦୁଇଟି ଅସ୍ତ୍ର ଥିଲା – ଗୋଟିଏ ସମାଜସେବା ଓ ଅନ୍ୟଟି ସାରସ୍ୱତ ସାଧନା । ସବୁପ୍ରକାର ପ୍ରତିକୂଳ ବାତାବରଣକୁ ସାମନା କରି ଏହି ଦୁଇଟି ଅସ୍ତ୍ର ବଳରେ ନିର୍ବାଚନ ଜିତିବା ଆଦୌ ବିଶ୍ୱାସ କରି ହେଉନଥିଲା । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ସେ ବେଶ ଭଲ ଭୋଟ ବ୍ୟବଧାନରେ ବିଜୟି ହୋଇଥିଲେ । ଏପରିକି ସେଥର ସମଗ୍ର ମୟୂରଭଂଜ ଜିଲ୍ଲାରେ ଥିବା ୪ଗୋଟି ପୌରାଚଂଳରୁ ୩ଟିରେ ଭାରତୀୟ ଜନତା ପାର୍ଟିକୁ ପରାଜୟର ମୁଖ ଦେଖିବାକୁ ପଡ଼ିଥିବା ବେଳେ କେବଳ ପ୍ରମିଳା ପଣ୍ଡା ଏକମାତ୍ର ପ୍ରାର୍ଥିନୀ ଯିଏକି ଉଦଳା ଆସନରୁ ଭାରତୀୟ ଜନତାପାର୍ଟିର ଟିକଟରେ ବିଜୟୀ ହୋଇ ଦଳପାଇଁ ଆଶା ଓ ଭରଷା ପାଲଟିଥିଲେ । ଏହିଭଳି ପ୍ରମିଳା ପଣ୍ଡାଙ୍କ ନାମଟି ବିଭିନ୍ନ ମହଲରେ ବହୁଳ ଭାବରେ ଚର୍ଚ୍ଚାକୁ ଆସିଥାଏ।

## ଏସ୍. ଇ. ରେଳବାଇ - ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: **KGPW-CARRAM DBSAMCKB-25,** ତାରିଖ: ୧୬.୦୫.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର କର୍ମଶାଳାର ଉପ-ସିଏମ୍‌ଇ (କ୍ୟାରେଜ୍ ୱାର୍କସ୍), ଦକ୍ଷିଣ ପୂର୍ବ ରେଳବାଇ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: **କାର୍ଯ୍ୟର ନାମ:** LHB କୋଚ୍‌ର ଆକ୍ସଲ୍ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (KBIL ପ୍ରସ୍ତୁତ ପାଇଁ) । **ପରିମାଣ:** NIT ଅନୁଯାୟୀ। **କାର୍ଯ୍ୟ ସ୍ଥାନ:** ଖଡ଼ଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳବାଇ, ପୋଷ୍ଟ-ଖଡ଼ଗପୁର, ଜିଲ୍ଲା- ପଶ୍ଚିମ ମିଦନାପୁର, ପିନ୍-୭୨୧୩୦୧ । **ଟେଣ୍ଡର ମୂଲ୍ୟ:** ୪୮,୫୮,୧୮,୬୪୦.୮୯। **ଆୟ ଟଙ୍କା:** ୨୫,୭୯,୧୦୦। LOA ଜାରି ତାରିଖରୁ ୧୨ ମାସ। **ଟେଣ୍ଡରର ଶେଷ ତାରିଖ ଏବଂ ସମୟ:** ୨୩.୦୬.୨୦୨୫ ତାରିଖ ଦିନ ୧୫.୦୦ ଘଣ୍ଟା। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି ନାହିଁ। ବିସ୍ତୃତ ଟେଣ୍ଡର ଡକ୍ୟୁମେଣ୍ଟ ଇ-ପୋର୍ଟାଲ୍ ୱେବସାଇଟ୍ **https://www.ireps.gov.in** ରେ ଉପଲବ୍ଧ।

(PR-170)

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପ୍ରଣାଳୀ ଉପରେ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ




ବାରିପଦା , ୧୯/୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ଭାରତକୁ ବୁଝିବା: ଭାରତୀୟ ନୀତି ଏବଂ ଜ୍ଞାନ ପ୍ରଣାଳୀ' ଶୀର୍ଷକ ଏକ ଗୁଣାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପୃଷ୍ଠପୋଷକ ରୂପେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତର ଜ୍ଞାନ ପରମ୍ପରା ଅତୁଳନୀୟ । ଏହାକୁ ସମ୍ମାନ ଦେଇ ମିଳିତ ଜାତିସଂଘ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' ଭଳି ମହାମାନବିକ ମନ୍ତ୍ରଧ୍ୱନିକୁ ସ୍ୱୀକୃତି ଦେଇଛି । ସମସାମୟିକ ଶିକ୍ଷାଶାସ୍ତ୍ରରେ ସ୍ୱଦେଶୀ ଜ୍ଞାନ ପ୍ରଣାଳୀକୁ ସଂହତ କରିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିବା ସହ ଭାରତୀୟ ବୌଦ୍ଧିକ ପରମ୍ପରାକୁ ପୁନର୍ଜୀବିତ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତପୋଷଣ କରିଥିଲେ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଭାରତୀୟ ଦର୍ଶନର ସ୍ଥାୟୀ ପ୍ରାସଙ୍ଗିକତା ଏବଂ ନୈତିକ ଶାସନ ଏବଂ ଜ୍ଞାନ ସୃଷ୍ଟିରେ ଏହାର ଅବଦାନ ଭାରତକୁ ବିଶ୍ୱଗୁରୁରେ ପରିଣତ କରିଛି ବୋଲି କହିଥିଲେ । ଭାରତୀୟ ଜ୍ଞାନ କୌଣସି କାଗଜ ସାର୍ଟିଫିକେଟ୍‌ର ସ୍ୱୀକୃତିର ଅପେକ୍ଷା ରଖେନାହିଁ ବୋଲି ସେ କହିଥିଲେ । ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ସମ୍ମାନିତ ଅତିଥି ଭାବେ ଭାରତକୁ ବିଶ୍ୱର ସମସ୍ତ ଜ୍ଞାନର ଏନ୍ସାଇକ୍ଲୋପିଡ଼ିଆ ତଥା ପ୍ରାଣକେନ୍ଦ୍ର ବୋଲି ମତପୋଷଣ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ପୃଷ୍ଠପୋଷକ ଭାବେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମର ଆବାହକ ତଥା ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ବ୍ୟାଙ୍କ ଦୁର୍ନୀତି ମାମଲା : ୟୁକୋ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଏସକେ ଗୋୟଲଙ୍କୁ ଗିରଫ କଲା ଇଡି

ନୂଆଦିଲ୍ଲୀ, ୧୯/୫ (ନି.ପ୍ର): ୟୁକୋ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ଏମଡି) ସୁବୋଧ କୁମାର ଗୋୟଲଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । କୋଲକାତା ସ୍ଥିତ ଏକ କମ୍ପାନୀ ସହିତ ଜଡ଼ିତ ୬,୨୦୦ କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଋଣ ଠକେଇ ମାମଲାରେ ମନି ଲାଣ୍ଡ୍ରିଂ ଅଭିଯୋଗରେ ସୁବୋଧଙ୍କୁ ଗିରଫ କରାଯାଇଛି । ସ୍ୱତନ୍ତ୍ର ନ୍ୟାୟାଳୟ (ପିଏମଏଲଏ) ଗୋୟଲଙ୍କୁ ଇଡି ହେପାଜତରେ ପଠାଇଛନ୍ତି । କେନ୍ଦ୍ରୀୟ ଯାଂଚ୍ ଏଜେନ୍ସୀ ସୋମବାର ଜାରି କରିଥିବା ଏକ ବୟାନରେ କୁହାଯାଇଛି ଯେ, ୟୁକୋ ବ୍ୟାଙ୍କ ର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୁବୋଧ କୁମାର ଗୋୟଲଙ୍କୁ ପିଏମଏଲଏ, ୨୦୦୨ର ପ୍ରାବଧାନ ଅନୁଯାୟୀ ମଇ ୧୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଘରୁ ଗିରଫ କରାଯାଇଥିଲା । ଗୋୟଲଙ୍କୁ ମଇ ୧୭ ରେ କୋଲକାତା ସ୍ଥିତ ସ୍ପେଶିଆଲ ପ୍ରିଭେନସନ ଅଫ ମନି ଲାଣ୍ଡ୍ରିଂ ଆକ୍ଟ (ପିଏମଏଲଏ) କୋର୍ଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା ।

ADMISSION OPEN

BAISINGA I.T.I

: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536

# ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କୁ ସମ୍ମାନ ଓ ସମ୍ପୂର୍ଣ୍ଣ ପେନସନ୍ ଦେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୯/୫ : ସୁପ୍ରିମକୋର୍ଟ ଏକ ମହତ୍ୱପୂର୍ଣ୍ଣ ଫଇସଲା କ୍ରମେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କୁ ସମ୍ମାନ ଓ ସମ୍ପୂର୍ଣ୍ଣ ପେନସନ୍ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ବି.ଆର. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ବିଚାରପତିଙ୍କ ନିଯୁକ୍ତିର ଦିନଏବଂ ତାଙ୍କର କାର୍ଯ୍ୟକାଳର ଆଧାରରେ କୌଣସି ମତଭେଦ ହେବ ନାହିଁ । କୋର୍ଟ କହିଛନ୍ତି ଯେ, ହାଇକୋର୍ଟର ସମସ୍ତ ଅବସରପ୍ରାପ୍ତ ବିଚାରପତି, ସେ ଯେଉଁ ତାରିଖରେ ବି ନିଯୁକ୍ତି ହୋଇଥାନ୍ତୁ ନା କାହିଁକି, ସେ ସମ୍ପୂର୍ଣ୍ଣ ପେନସନ୍ ର ହକଦାର୍ । ସୁପ୍ରିମକୋର୍ଟ କହିଛନ୍ତି ଯେ, ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କୁ ବର୍ଷକୁ ୧୫ ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ପେନସନ୍ ଦେବାକୁ ହେବ । କୋର୍ଟ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କୁ ହାଇକୋର୍ଟର ସମସ୍ତ ଅବସରପ୍ରାପ୍ତ ବିଚାରପତିଙ୍କ ମାମଲାରେ ୱାନ ର୍‍ୟାଙ୍କ ୱାନ ପେନସନ ର ସିଦ୍ଧାନ୍ତର ପାଳନ କରିବାକୁ ହେବ । ଯଦିଓ ଜଜ୍ ଙ୍କ ନିଯୁକ୍ତି ଜିଲ୍ଲା କୋର୍ଟ କିମ୍ବା ବାର୍ ରେ ହେଉ । କୋର୍ଟ କହିଛନ୍ତି ଯେ, ଯଦି କୌଣସି ଜଜ୍ ଙ୍କ ସେବା କାଳରେ ମୃତ୍ୟୁ ହୁଏ, ତେବେ ତାଙ୍କର ବିଧବା ପତ୍ନୀ କିମ୍ବା ପରିବାର ସଦସ୍ୟଙ୍କୁ ଗ୍ରାଚ୍ୟୁଟି ପ୍ରଦାନ କରିବାକୁ ହେବ । ଜଜ୍ ଙ୍କୁ ସେବା ଅବଧିରେ କ୍ୟାରିୟର ଅବଧି ଯୋଡି ଗ୍ରାଚ୍ୟୁଟି ପ୍ରଦାନ କରାଯିବା ଆବଶ୍ୟକ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲିଙ୍ଗରାଜ ମନ୍ଦିର ଉପରେ...

ମନ୍ଦିର ଉପରେ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବାର ଦେଖି ଲିଙ୍ଗରାଜ ପୁଲିସକୁ ଜଣାଇଥିଲେ । ତଥାପି, କିଏ ଏବଂ କେଉଁ ପରିସ୍ଥିତିରେ ମନ୍ଦିର ଉପରେ ଡ୍ରୋନ୍ ଉଡାଇଥିଲା ତାହା ଜଣାପଡିନାହିଁ। ଲିଙ୍ଗରାଜ ମନ୍ଦିରକୁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ ଭାବରେ ବିବେଚନା କରାଯାଏ ଏବଂ ଓଡ଼ିଶା ପୁଲିସ ମନ୍ଦିର ଭିତରେ ଏବଂ ଏହାର ଚତୁଃପାର୍ଶ୍ୱରେ ଏବଂ ଉପରେ ଏପରି ଡ୍ରୋନ୍ ଉଡାଇବା ନେଇ କଟକଣା ଜାରି କରିଛି । ଡ୍ରୋନ୍ କଟକଣା ସତ୍ତ୍ୱେ ପୁଣି ଡ୍ରୋନ୍ ଉଡୁଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ଅପରେସନ ସିନ୍ଦୂର ସମୟରେ ଡ୍ରୋନ ଉଡେଇବା ନେଇ କଟକଣା ଲାଗିଥିବା ବେଳେ ପୁଣି ଏଭଳି ଦୃଶ୍ୟ ମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ୪ ଡେସିମିଲ୍‌ରୁ କମ୍ ...

ତେଣୁ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଆମ ସରକାର ଓଡ଼ିଶା ଲାଣ୍ଡ ସେଟଲମେଂଟ ରୁଲ୍ ୧୯୮୩କୁ ସଂଶୋଧନ କରିଛନ୍ତି । ଏ ସଂକ୍ରାନ୍ତୀୟ ନୋଟିଫିକେସନ ମଧ୍ୟ ପବ୍ଲିଶ ହୋଇଛି । ସେଥିପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆହୋଇଛି । ନିଜ ନିଜ ଜିଲ୍ଲାରେ ୪ ଡିସିମିଲରୁ କମ୍ ଜମି ଥିବା ଲୋକଙ୍କୁ ଚିହ୍ନଟ କରି ତାଲିକା ସଂଗ୍ରହ କରାଯିବ। ଘରକୁ ଘର ବୁଲି ସେର୍ଭେ କରାଯିବ। ଓଡ଼ିଶାରେ ଯେଉଁମାନେ ଭୂମିହୀନ ଅଛନ୍ତି ସେମାନଙ୍କୁ ବସୁନ୍ଧରା ଯୋଜନାରେ ସରକାର ଜମି ପଟ୍ଟା ଯୋଗାଇ ଦେବେ। ସରକାର କାର୍ଯ୍ୟକାଳ ଭିତରେ କେହି ଭୂମିହୀନ ରହିବେ ନାହିଁ। ସଭିଙ୍କ ପାଖରେ ଅତିକମରେ ୪ ଡିସିମିଲ ଜମିଥିବ।

### ବଙ୍ଗୋପସାଗରରେ...

କାଳବୈଶାଖୀ ନେଇ ସୋମବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି । ସୋମବାର ପାଇଁ ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଫଳରେ ଲଗାତାର ଜାରି ରହିଥିବା ତାତିରୁ ମିଳିବ ଆଶ୍ୱସ୍ତି। ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଘଡ଼ଘଡ଼ି, ବିଜୁଳି ସହ ଝଡ଼ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ୧୩ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟ ପକ୍ଷରେ ସୋମବାର ଅପରାହ୍ନରେ କଟକରେ ପ୍ରବଳ ବର୍ଷା ହୋଇଛି। କାଳବୈଶାଖୀ କାରଣରୁ ଘଡଘଡି ଓ ବର୍ଷାରେ ବେହାଲ ହୋଇଛି କଟକ। ତଳିଆ ଅଞ୍ଚଳରେ ବର୍ଷା ପାଣି ଜମିଥିବା ବେଳେ ଜୀବନ ଯାତ୍ରା ପ୍ରଭାବିତ ହୋଇଛି।

### ଖୁବଶୀଘ୍ର ଓଡ଼ିଶାରୁ ...

ସେପଟେ ବାଂଲାଦେଶୀଙ୍କ ହଟସ୍ପଟ ପାଲଟିଛି ତଟବର୍ତ୍ତୀ ଜିଲ୍ଲା । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଚାଲିଛି । ରାଜ୍ୟକୁ ବେଆଇନ ଭାବରେ ରହୁଥିବା ବାଂଲଦେଶୀ ଖୁବଶୀଘ୍ର ବିଦା ହେବେ । ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ପରେ ନୋଡାଲ୍ ଏଜେନ୍ସୀ ଭାବରେ ଦାୟିତ୍ୱ ନେଇଛି ଏସଟିଏଫ୍ । ସେମାନଙ୍କୁ ଚିହ୍ନଟ ପାଇଁ ସବୁ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସମସ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବାଂଲାଦେଶୀ ଚିହ୍ନଟ ପାଇଁ ଜୋରଦାର ଧରପଗଡ଼ ଚାଲିଛି ।

### ଭାରତ ଏକ ଧର୍ମଶାଳା...

ଆବେଦନକାରୀ, ଜଣେ ଶ୍ରୀଲଙ୍କା ତାମିଲ ନାଗରିକ, ପ୍ରତ୍ୟାରପନରୁ ସୁରକ୍ଷା ମାଗିଥିଲେ, କାରଣ ସେ ନିଜ ଦେଶକୁ ଫେରିଗଲେ ତାଙ୍କ ଜୀବନକୁ ବିପଦ ହେବ ବୋଲି ଦାବି କରିଥିଲେ। ତଥାପି, ବେଞ୍ଚ ଏହାଦ୍ୱାରା ପ୍ରଭାବିତ ହୋଇନଥିଲେ। "ଅନ୍ୟ କୌଣସି ଦେଶକୁ ଯାଅ," ବିଚାରପତିମାନେ ମନ୍ତବ୍ୟ ଦେଇ ଆବେଦନକୁ ଖାରଜ କରିଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ମାଡ୍ରାସ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ଶୁଣାଣି କରୁଥିଲେ, ଯେଉଁଥିରେ ଆବେଦନକାରୀଙ୍କୁ, ଯିଏ ବେଆଇନ କାର୍ଯ୍ୟକଳାପ (ନିଷେଧ) ଅଧିନିୟମ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ, ୭ ବର୍ଷର ଦଣ୍ଡ ଶେଷ ହେବା ପରେ ତୁରନ୍ତ ନିଷ୍କାସନ କରାଯିବା ନିର୍ଦ୍ଦେଶ ଦିଆଯାଇଥିଲା। ଶୁଣାଣି ସମୟରେ, ଆବେଦନକାରୀଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ ସେ ଦଣ୍ଡ ଶେଷ ହେବା ପରେ ପ୍ରାୟ ତିନି ବର୍ଷ ଧରି ହେପାଜତରେ ରହିଛନ୍ତି, କିନ୍ତୁ ପ୍ରତ୍ୟାରପଣ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ସେ ଆହୁରି ମଧ୍ୟ କହିଥିଲେ ଯେ ଆବେଦନକାରୀ, ଯିଏ ଭିସାରେ ଭାରତକୁ ପ୍ରବେଶ କରିଥିଲେ, ଶ୍ରୀଲଙ୍କାକୁ ଫେରିଗଲେ ତାଙ୍କ ଜୀବନକୁ ଗମ୍ଭୀର ବିପଦ ହେବ। ତଥାପି, ବେଞ୍ଚ ଅଟଳ ରହିଥିଲେ। ଜଷ୍ଟିସ ଦତ୍ତ ପଚାରିଥିଲେ, "ଏଠାରେ ବସବାସ କରିବାର ତୁମର ଅଧିକାର କ'ଣ ?" ଆଇନଜୀବୀ ଉତ୍ତର ଦେଇଥିଲେ ଯେ ଆବେଦନକାରୀ ଜଣେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀ ଏବଂ ସନ୍ତାନମାନେ ପୂର୍ବରୁ ଭାରତରେ ବସବାସ କରୁଛନ୍ତି। ଜଷ୍ଟିସ ଦତ୍ତ, ଆବେଦନକୁ ଖାରଜ କରି, କହିଥିଲେ ଯେ ଆଟକ ଆଇନ ଅନୁଯାୟୀ ହୋଇଥିବାରୁ ଧାରା ୨୧ ଉଲ୍ଲଂଘନ ହୋଇନାହିଁ। ସେ ସ୍ପଷ୍ଟ କରିଥିଲେ ଯେ ଧାରା ୧୯ ଅନୁଯାୟୀ ଭାରତରେ ବସବାସ କରିବାର ମୌଳିକ ଅଧିକାର କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ସଂରକ୍ଷିତ।

### ଦୀର୍ଘ ୩୦ ବର୍ଷ ପରେ...

ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ସବୁଥର ପରି ମୁଖ୍ୟମନ୍ତ୍ରୀ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ନୟାଗଡର ସନ୍ତୋଷ ବିଶ୍ୱାଳଙ୍କୁ ୫୦ ହଜାର ଟଙ୍କା, ଯାଜପୁରର ବିଷ୍ଣୁଚରଣ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ଲକ୍ଷ୍ମୀଧର ସେଠୀଙ୍କୁ ୧ ଲକ୍ଷ ଟଙ୍କା, କଟକର ସାତ୍ତ୍ୱିକ କରଙ୍କୁ ୧ ଲକ୍ଷ ଟଙ୍କା, କେନ୍ଦୁଝରର ନବୀନ କୁମାର ସେଠୀଙ୍କୁ ୨ ଲକ୍ଷ ଟଙ୍କା, ମୟୁରଭଞ୍ଜର ସୁନିତା ଚୌଧୁରୀଙ୍କୁ ୧ ଲକ୍ଷ ଟଙ୍କା, କଟକର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ୫୦ ହଜାର ଟଙ୍କା, ବୌଦ୍ଧର ନିଳକଣ୍ଠ ପ୍ରଧାନ ଓ ଯଦୁମଣୀ କର୍ମୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ, ଗଞ୍ଜାମର ଛାୟା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ବୁଦ୍ଧିଆ ମଣ୍ଡଳଙ୍କୁ ୧ ଲକ୍ଷ ଟଙ୍କା, ନବରଙ୍ଗପୁରର କମଳା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଖୋର୍ଦ୍ଧାର କୈଳାସ ପଲେଇଙ୍କୁ ୧ ଲକ୍ଷ ଟଙ୍କା ଏବଂ କଟକର ସୁରେଶ କୁମାର ଜେନାଙ୍କୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୫୦ ହଜାର ଟଙ୍କା, ଏହିପରି ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି । ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ କରିବା ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆମ ସରକାର ନିରନ୍ତର ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି, ଏବଂ ତାହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଆଞ୍ଚଳିକ ସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦଶମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ୮,୭୧୩ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୫ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି । ଦୀର୍ଘ ୩୦ ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ଥିରୀକୃତ ହୋଇଥିବା କ୍ୱାର୍ଟର୍ସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରହୁନଥିବାରୁ ଅଭିଯୋଗ ପ୍ରକୋଷ୍ଠକୁ ନେଇ କୌଣସି ସମସ୍ୟା ହୋଇ ନ ଥିଲା । ଏପରିକି ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଏହାର ନବୀକରଣ କରାଯାଇଥିଲା । କିନ୍ତୁ ଏବେ ତାହାର ଠିକଣା ବଦଳିଛି ।

### କର୍ଣ୍ଣେଲ ସୋଫିଆଙ୍କ ବିରୋଧରେ...

ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି,ଆମେ ୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏକ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଉଛୁ। ମଧ୍ୟପ୍ରଦେଶର ଡିଜିପି ୨୦ ମେ ସକାଳ ୧୦ଟା ସୁଦ୍ଧା ଏହାକୁ ଗଠନ କରିବା ଉଚିତ। ଏସଆଇଟିର ତିନି ଜଣ ଆଇପିଏସ ଅଧିକାରୀ ମଧ୍ୟପ୍ରଦେଶ କ୍ୟାଡରର ହୋଇପାରନ୍ତି, କିନ୍ତୁ ସେମାନେ ମୂଳତଃ ମଧ୍ୟପ୍ରଦେଶର ହୋଇ ନ ଥିବେ। ତଦନ୍ତ ଦଳର ନେତୃତ୍ୱ ଜଣେ ଆଇଜି ରାଙ୍କ ଅଧିକାରୀଙ୍କ ଦ୍ୱାରା ନିଆଯିବା ଉଚିତ। ଏହି ଦଳରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଉଚିତ। ପୋଲିସ ଦ୍ୱାରା ପଞ୍ଜିକୃତ ଏଫଆଇଆରକୁ ଏସଆଇଟିକୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ବିଜୟ ଶାହାଙ୍କ ଗିରଫଦାରୀ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଲଗାଇଥିଲେ। ସେ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବା ଉଚିତ। କୋର୍ଟ କହିଛନ୍ତି, ଏହା ତଦନ୍ତର ସମ୍ପୂର୍ଣ୍ଣ ତଦାରଖ କରିବ ନାହିଁ, କିନ୍ତୁ ଏସଆଇଟି ସମୟ ସମୟରେ ଏହାକୁ ସ୍ଥିତି ରିପୋର୍ଟ ପ୍ରଦାନ କରିବା ଉଚିତ।

### ସ୍ୱର୍ଣ୍ଣ ମନ୍ଦିରକୁ ...

କରାଯାଇ ସମସ୍ତ ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ସେ ଆହୁରି କହିଛନ୍ତି ଯେ ''ପାକିସ୍ତାନ ମେ ୮ ତାରିଖରେ ମାନବହୀନ ବାୟୁ ଅସ୍ତ୍ରଶସ୍ତ୍ର; ମୁଖ୍ୟତଃ ଡ୍ରୋନ୍ ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ସହିତ ଏକ ବଡ଼ ବିମାନ ଆକ୍ରମଣ କରିଥିଲା। ଏପରି ହେବ ବୋଲି ଆମେ ପୂର୍ବରୁ ଆଶଙ୍କା କରି ସତର୍କ ରହିଥିଲୁ। ଆମର ସାହସୀ ଏବଂ ସତର୍କ ସେନା ବାୟୁ ପ୍ରତିରକ୍ଷା ବନ୍ଧୁକଧାରୀମାନେ ପାକିସ୍ତାନ ସେନାର ଘୃଣ୍ୟ ଯୋଜନାକୁ ପଣ୍ଡ କରିବାରେ ସଫଳ ହୋଇଥିଲେ। ସ୍ୱର୍ଣ୍ଣ ମନ୍ଦିରକୁ ଟାର୍ଗେଟ କରାଯାଇଥିବା ସମସ୍ତ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦେଇଥିଲେ। ଏପରିକି ଆମର ପବିତ୍ର ସ୍ୱର୍ଣ୍ଣ ମନ୍ଦିରରେ ଗୋଟିଏ ବି ଆଘାତ ଲାଗିବାକୁ ଦେଲେ ନାହିଁ,'।

ମଙ୍ଗଳବାର, ମଇ ୨୦, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୁକ୍ତ ଆକାଶ ବ୍ୟାୟମଶାଳାର ଶୁଭ ଉଦ୍‌ଘାଟନ

ଜଳେଶ୍ୱର, ୧୯/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତର ଗୋବର୍ଦ୍ଧନପୁର ଗ୍ରାମ ସ୍ଥିତ ମହାଦେବ ମନ୍ଦିର ସଂଲଗ୍ନ ପଡ଼ିଆରେ କୋଟସାହି ଗ୍ରାମ ପଞ୍ଚାୟତ ତରଫରୁ ଏକ ମୁକ୍ତ ଆକାଶ ବ୍ୟାୟମଶାଳାର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଓ କୋଟସାହି ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ମଞ୍ଜୁବାଳା ପ୍ରଧାନ ଉପସ୍ଥିତ ହୋଇ ମିଳିତ ଭାବେ ନଡ଼ିଆ ଫଟାଇ ଓ ଫିତା କାଟି ଉଦଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ,ଜଳେଶ୍ୱରର ବରିଷ୍ଠ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ଉପସ୍ଥିତ ହୋଇ କୋଟସାହି ଗ୍ରାମ ପଞ୍ଚାୟତ ତରଫରୁ ନିର୍ମିତ ହୋଇଥିବା ମୁକ୍ତ ଆକାଶ ବ୍ୟାୟମଶାଳାଟି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାଦଶ ଅର୍ଥ କମିଶନର ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରା ଯାଇଛି ବୋଲି କହିଥିଲେ।ଆଗକୁ ଅଧିକ ଅର୍ଥ ମଞ୍ଜୁର କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ।ଏହି ମୁକ୍ତ ଆକାଶ ବ୍ୟାୟମଶାଳା ହେବା ଦ୍ୱାରା ପିଲାମାଣଙ୍କର ଶାରୀରିକ ଗଠନ ଓ ବୃଦ୍ଧ ବୃଦ୍ଧା ମାନେ ବ୍ୟାୟାମ କରି ରୋଗମୁକ୍ତ ହୋଇ ପାରିବେ ବୋଲି କହିଥିଲେ।ଲୋକେ ବ୍ୟାୟମ କରିବା ପାଇଁ ଜଳେଶ୍ୱର ସହରକୁ ଯିବା ପାଇଁ ପଡୁଥିଲା।ଗ୍ରାମାଞ୍ଚଳରେ ଏହା ପ୍ରଥମ ହେବା ସହିତ ଲୋକେ ଆଉ ସହରକୁ ବ୍ୟାମାମ କରିବାକୁ ଯିବେ ନାହିଁ।ଗାରୀମାମୟ ଅତିଥି ଭାବେ ନାଏବ ସରପଞ୍ଚ ଶ୍ରୀମତୀ ମମତା ଦଳାଇ, ୱାର୍ଡ଼ ସଭ୍ୟା ତିଳଉମା ଜେନା, ଅଞ୍ଜଳି ନାଥ ଓ ୱାର୍ଡ଼ ସଭ୍ୟ ବରେନ ବେହେରା, ଗ୍ରାମ ପରିଚାଳନା କମିଟି ସଭାପତି ବଂଶୀଧର ବେହେରା, ସମ୍ପାଦକ ବସନ୍ତ ମହାନ୍ତି, ସମାଜସେବୀ କାଳିଚରଣ ଦାସ, ରାଧାଶ୍ୟାମ ନାଥ, ବିଶ୍ୱମ୍ଭର ନାଥ ପ୍ରମୁଖ ଉପସ୍ଥିତ ଥିଲେ।ମୁଖ୍ୟ ଅତିଥି ଗୋବର୍ଦ୍ଧନପୁର ଗ୍ରାମରେ ପ୍ରବେଶ କରିବା ସମୟରେ ଶତାଧିକ ମହିଳା ଓ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୋଛ ଦେଇ ସମ୍ବର୍ଦ୍ଧନା କରିବା ସହିତ ବାଜା ବଜେଇ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ଯାଇଥିଲେ।ଉକ୍ତ ଉତ୍ସବରେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମଥାନୀ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ବସ୍ତା, ୧୯/୫ (ନି.ପ୍ର): ବସ୍ତା ବ୍ଲକ ମଥାନୀ ସେବା ସମବାୟ ସମିତିରେ ଆଜି ରବିଧାନ ସରକାରୀ ଧାର୍ଯ୍ୟ ମୂଲ୍ୟରେ କ୍ରୟ ନିମନ୍ତେ ମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ର ସଭାପତି କିଶୋର ପାଳ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଚଳିତ ରବି ଋତୁରେ ମୋଟ ୯୭୨ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି ଏବଂ ସେମାନଙ୍କ ସମସ୍ତ ଧାନ କିପରି ଧାର୍ଯ୍ୟ ମୂଲ୍ୟରେ କ୍ରୟ ହୋଇପାରିବ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୀକ୍ଷା କରିଛନ୍ତି। ପୂର୍ବାପେକ୍ଷା ଟାର୍ଗେଟ୍ ବୃଦ୍ଧି ନିମନ୍ତେ ଡିଏଲସିରେ ଦାବି ଉପସ୍ଥାପନ ନେଇ ଚିନ୍ତା କରିଛନ୍ତି। ଚଳିତ ରବି ଋତୁରେ ସରକାର ବାଲେଶ୍ୱର ଜିଲ୍ଲାରୁ ମାତ୍ର ୬୭ ହଜାର କୁଇଣ୍ଟାଲ ଧାନ କ୍ରୟ ନେଇ ସ୍ଥିର କରିଛନ୍ତି । ସମବାୟ ସମିତିର ନିର୍ଦ୍ଦେଶକ ଭାବେ ଅନିଲ କୁମାର ମହାପାତ୍ର, ମନୋରଞ୍ଜନ ବିଶ୍ୱାଳ,ରାଜେଶ କୁମାର ଗିରି, ଦେବେନ୍ଦ୍ର ବେହେରା, ଦିଲ୍ଲୀପ କୁମାର ଦଣ୍ଡପାଟ, ଅମର ଗିରି , ଦିଲ୍ଲୀପ କୁମାର ମହାପାତ୍ର, ଭାନୁ ଚରଣ ଜେନା, ସୁଶାନ୍ତ ମଲ୍ଲିକ , ଗୋପାଳଚନ୍ଦ୍ର ଦାସ ସୁଲୋଚନା ଜେନା ସମିତିର ସମ୍ପାଦକ ଅନନ୍ତ କୁମାର ପାତ୍ର, ରାସ ବିହାରି ବେଜ୍, ମୃତ୍ୟୁଞ୍ଜୟ ଜେନା, ଦୀନବନ୍ଧୁ ହାଜିରା , ମନୋରଞ୍ଜନ ସାହୁ, ବୈଦ୍ୟନାଥ ପାତ୍ର, ଦୀନବନ୍ଧୁ ବିଶି, ଉପସ୍ଥିତ ଥିଲେ ।

# ଭଞ୍ଜସେନାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା, ୧୯/୫ (ନି.ପ୍ର): ବାରିପଦା ମୟୁରଭଞ୍ଜ ଜିଲ୍ଲାର ସଂଗ୍ରାମୀ ଯୁବଛାତ୍ର ସଂଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଜିଲ୍ଲାର ଅନ୍ୟତମ ନୂତନ ଉପସଭାପତି ଭାବେ ବିଜୁ ସିଂ, ଶ୍ୟାମାଖୁଣ୍ଟା ବ୍ଲକ ସଭାପତି ଭାବେ ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ଦୀପକ କୁମାର ବେହେରା, ଉପ ସଭାପତି ଭାବେ ଜିତୁ ସିଂ, ସାଧାରଣ ସମ୍ପାଦକ ଭାବେ ଲିକୁ ଲେଙ୍କା ମହାନ୍ତ, ସମ୍ପାଦକ ଭାବେ ବିକାଶ ମହାନ୍ତ, ଧର୍ମେନ୍ଦ୍ର ବେହେରା, ବାପୁନ ସିଂ, ବାରିପଦା ସହର ଯୁବ ଶାଖା ଉପ ସଭାପତି ଭାବେ ରୁଦ୍ର ପଟ୍ଟନାୟକ, ସମ୍ପାଦକ ଭାବେ ପଙ୍କଜ ପରିଡା, ପଦ୍ମା ମୁଖୀ ଏବଂ ବଡ଼ସାହି ବ୍ଲକ ଉପସଭାପତି ଭାବେ ଜଗନ ମହାନ୍ତ, ମାନସ ସିଂ, ସମ୍ପାଦକ ଭାବେ ସୁଦାମ ନାୟକ ପ୍ରମୁଖ ଙ୍କ ନାମ ଜିଲ୍ଲା ସଭାପତି ପିଣ୍ଟୁ ମାଇତି ଘୋଷଣା କରିଛ ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ



ନୀଳଗିରି, ୧୯/୫ (ନି.ପ୍ର): ସୋମବାର ସକାଳ ୭ଘଟିକାରେ ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶି ମୟୂର ବିକାଶ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରାସାଦଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପଞ୍ଚାୟତସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂହ ,ଜିଲ୍ଲା ମୁଖ୍ୟଚିକିତ୍ସାଧିକାରି ଡ଼ା ସୁଶାନ୍ତ କୁମାର ନାୟକ, ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ତହସିଲଦାର ଶ୍ରୀମତୀ ସୋନମ୍ ଦାସ , ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡା ପ୍ରମୁଖଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକ ଅଧିନସ୍ଥ ୨୫ଟି ଗ୍ରାମ ପଞ୍ଚୟତରୁ ୧୦୪ଜଣ ଅଭିଯୋଗକାରୀ ନିଜନିଜର ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏଥିରେ ୯୦ଗୋଟି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ପି.ଏମ. ଆବାସ ଗୃହଯୋଜନା, ରାସନକାର୍ଡ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ରାସ୍ତା, ପାନୀୟଜଳ,ଡ୍ରେନେଜ୍, ଦିବ୍ୟାଙ୍ଗ ଭତ୍ତା ,ଆଇନ ସମ୍ପର୍କିତ ହୋଇଥିବା ବେଳେ ୧୧ଗୋଟି ରାସ୍ତା ଘାଟ, ବିଦ୍ୟୁତ୍ ସମସ୍ୟା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟସେବା, ଅଙ୍ଗନୱାଡ଼ି, ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପର୍ଯ୍ୟଟକଙ୍କୁ ମାଡ ସମସ୍ୟା, ଡ୍ରେନେଜ ସମସ୍ୟା ଭଳି ସାମୁହିକ ଅଭିଯୋଗ ଏବଂ ୩ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ନିବେଦନ ପତ୍ର ମିଳିଥିଲା।ଉକ୍ତ ଶିବିରରେ ୧୯ଗୋଟି ଅଭିଯୋଗର ତତ୍କାଳ ଫୈସଲା କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ (ପ୍ରଶାସନ ଓ ପୋଲିସର) ବିଭାଗୀୟ ପଦାଧିକାରୀ , ଗଣମାଧ୍ୟମର ପ୍ରତିନିଧି ସମେତ ବିଭିନ୍ନ ଗ୍ରା.ପରୁ ଆସିଥିବା ସାଧାରଣ ଜନତା ଯୋଗଦାନ କରିଥିଲେ।

## କାଠମାଣ୍ଡୁରୁ ଲୁକ୍ଲା ଯାଉଥିବା ବିମାନ ଇଂଜିନରେ ସମସ୍ୟା: ଏମରଜେନ୍ସି ଲ୍ୟାଣ୍ଡିଂ

କାଠମାଣ୍ଡୁ, ୧୯/୫: ନେପାଳରେ ପୁଣି ଥରେ ଏକ ବଡ ବିମାନ ଦୁର୍ଘଟଣା ଟଳିଯାଇଛି । ଇଂଜିନରେ ସମସ୍ୟା ପରେ ତାର ସୁରକ୍ଷିତ ଏମରଜେନ୍ସି ଲ୍ୟାଣ୍ଡିଂ କରାଯାଇଛି । ପାଇଲଟଙ୍କ ବୁଦ୍ଧିମତା କାରଣରୁ ୧୯ ଯାତ୍ରୀଙ୍କ ସହିତ ୨୧ଲୋକଙ୍କ ଜୀବନ ବଂଚିଯାଇଛି । କାଠମାଣ୍ଡୁରୁ ଲୁକ୍ଲା ଅଭିମୁଖେ ଯାଉଥିବା ସମିଟ୍ ଏୟାରର ଏକ ବିମାନରେ ତ୍ରୁଟି ଆସିଥିବାରୁ ମଧ୍ୟରାସ୍ତାରୁ ଏହାକୁ ପୁନର୍ବାର କାଠମାଣ୍ଡୁକୁ ଫେରାଇ ଆଣିବାକୁ ପଡ଼ିଛି। କାଠମାଣ୍ଡୁର ତ୍ରିଭୁବନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସକାଳ ୬ଟା ୧୨ମିନିଟ୍‌ରେ ଉଡ଼ାଣ ଭରିଥିବା ସମିଟ୍ ଏୟାରର ବିମାନ ଏସଏମଏ୩୦୩ କିଛି ସମୟ ପରେ ଇଞ୍ଜିନରେ ତ୍ରୁଟି ଆସିବା ପରେ ବାଧ୍ୟହୋଇ କାଠମାଣ୍ଡୁକୁ ଫେରି ଆସିଥିଲା।

# ଛାଇଗଲେଣି ବାଂଲାଦେଶୀ ଫେରିବାଲା

ବାଲିଆପାଳ ୧୯.୫(ଆପ୍ର) ବାଂଲାଦେଶୀ ମୁସଲିମ ଅନୁପ୍ରବେଶକାରୀମାନେ କେବଳ ଉପକୂଳ ଓଡ଼ିଶାରେ ନୁହଁନ୍ତି, ଦକ୍ଷିଣଓଡ଼ିଶାରେ ମଧ୍ୟ ଛାଇଯାଇ ସାରିଲେଣି । ବାଂଲାଦେଶ ପରିସ୍ଥିତି ଅତି ଭୟାନକ । ସେଠାରେ ହିନ୍ଦୁମାନଙ୍କର ଧନ ସମ୍ପତ୍ତି ନଷ୍ଟ କରୁଛନ୍ତି ମୌଳବାଦୀ । ଏଥିରୁ ବାଦ ପଡ଼ିନାହିଁ । ବାଲିଆପାଳ ପ୍ରମୁଖ ବ୍ୟାବସାୟିକ ପେଣ୍ଠ ସିମୁଳିଆ । କିନ୍ତୁ ଏତେସଂଖ୍ୟାରେ ଫେରିବାଲାଙ୍କୁ ଦେଖିଲେ ମନରେ ସତଃ ଆଶଙ୍କା ସୃଷ୍ଟି ହେଉଛି । ସକାଳୁ ସକାଳୁବଙ୍ଗଳା କହୁଥିବା ଏହି ଫେରିବାଲାମାନେ ବାଇକ୍ ପଛରେ ସବୁ ପ୍ରକାର ଜିନିଷ ଧରି ବେପାରବଟା ଆରମ୍ଭ କରିଦେଉଛନ୍ତି । ଛତା, ଜୋତା, ଡ୍ରେସ, ବାସନକୁସନ, ପ୍ରଶାଧନ ସାମଗ୍ରୀ, ମୁଣ୍ଡ କେଶ, ପ୍ଲାଷ୍ଟିକ, ଭଙ୍ଗାଲୁହା ସବୁ ବେପାରରେ ଏମାନେ । ଅପହଞ୍ଚ ଇଲାକାରେ ମଧ୍ୟ ପହଞ୍ଚି ଗଲେଣି ସେମାନେ । ସିମୁଳିଆ ବଜାରରେ କିଛିବର୍ଷ ହେଲା ବ୍ୟବସାୟ ମାନ୍ଦା ଧରିଥିଲା। କିନ୍ତୁ ଅନୁପ୍ରବେଶକାରୀ ଫେରିବାଲା ଭର୍ତ୍ତି ହୋଇଯିବାପରେ ସ୍ଥାନୀୟ ବେପାରୀଙ୍କ ଚିନ୍ତା ପଶିଛି। ପ୍ରଥମେ ଗୁରୁତ୍ୱ ଦେଉ ନଥିଲେ। ଏବେ ଫେରିବାଲାଙ୍କ ବେପାର ବଢୁଥିବା ଦେଖି ମୁଣ୍ଡରେ ହାତ ଦେଲେଣି । ଫେରିବାଲାଙ୍କ ସଂଖ୍ୟା ଏତେ ବଢୁଛି କାହିଁକି ? କିଛିଦିନ ପରେ ଏମାନଙ୍କ ଯୋଗୁ ବସ୍ତି ତିଆରି ହୋଇଯିବ। କୁଜି ନେତାମାନେ ଅଛନ୍ତି ଭୋଟ ଲୋଭରେ ଏମାନଙ୍କ ପାଇଁ ରାସନ କାର୍ଡ଼ ବ୍ୟବସ୍ଥା କରିଦେବେ । ତା'ପରେସେମାନେ ହୋଇଯିବେ ଭୋଟର । ଘରଘର ବୁଲି ସବୁପ୍ରକାର ଜିନିଷ ବିକ୍ରି କରୁଛନ୍ତି ଏହି ବାଂଲାଦେଶୀ ଫେରିବାଲାମାନେ । ଏବେ ତ ପ୍ରେସରକୁକର, ଗ୍ୟାସ ଚୁଲା ଓ ଇଣ୍ଡସନ ଚୁଲା ବି ବିକିଲେଣି । ସ୍ଥାନୀୟ ବ୍ୟବସାୟକୁ ପଙ୍ଗୁ କରିବା ପାଇଁ ଏହା ଜଘନ୍ୟ ଷଡ଼ଯନ୍ତ୍ର ବୋଲି ମନେହେଉଛି । କେବଳ ସେତିକି ନୁହେଁ, ଗୃହ ନିର୍ମାଣ, ଅଟୋମୋବାଇଲ ବ୍ୟବସାୟରେ ପଶିଗଲେଣି ଏହି ବାଂଲାଦେଶୀ । ସମସ୍ତେ ବଙ୍ଗଳାରେ କଥା କହୁଛନ୍ତି । ମିଛ ଗ୍ୟାରେଣ୍ଟି ଦେଇ ଧୂମ ଲୁଟୁଛନ୍ତି ଲୋକଙ୍କୁ । କିନ୍ତୁ ଏମାନଙ୍କୁ ଛତ୍ରଛାୟା ଯୋଗାଉଛି କିଏ ? କିଏ ଏମାନଙ୍କର ରିଙ୍ଗ୍ ମାଷ୍ଟର । ଯାହା ଆଶଙ୍କା ହେଲାଣି, ଖୁବଶୀଘ୍ର ବାଲିଆପାଳ ଏକ ମିନି ବାଂଲାଦେଶରେ ପରିଣତ ହୋଇଯିବ । କିଛି ମହଲ ବିଶ୍ୱାସ କରନ୍ତି ଯେ ଏମାନେ ରୋହିଙ୍ଗା । ରୋହିଙ୍ଗା ହୁଅନ୍ତୁ କି ବାଂଲାଦେଶୀ, ସ୍ଥାୟୀ ବାସିନ୍ଦା ହେବାପାଇଁ ଯେଉଁ ଚକ୍କର ଆରମ୍ଭ ହୋଇଛି, ଏହାକୁ ତୁରନ୍ତ ରୋକାନଯାଏ, ତେବେ ବାଲିଆପାଳ ରେ କହୁଣିକୁ ବୋହିଯିବ।ଏପର୍ଯ୍ୟନ୍ତ କାହିଁକି ପୁଲିସ ଓ ପ୍ରଶାସନ ଏଥିପ୍ରତି ସତର୍କ ଦୃଷ୍ଟି ଦେଇନାହାନ୍ତି ? ମିଳିଥିବା ନିର୍ଭରଯୋଗ୍ୟ ସୂଚନା ଅନୁସାରେ ଏମାନେ ବସ୍ତି ବନାଇବା ଆରମ୍ଭ କରିଦେଲେଣି। ଭୋଟର ପରିଚୟପତ୍ର ଓ ରାସନକାର୍ଡ଼ ପାଇବା ପାଇଁ ଉଦ୍ୟମ ହେଉଛି । କିଛି ଫେରିବାଲା ଗଞ୍ଜେଇ, ବ୍ରାଉନସୁଗାର ବେପାରରେ ସଂଶ୍ଳିଷ୍ଟ ହୋଇପଡ଼ିଲେଣି ବୋଲି ପୁଲିସ ସୂତ୍ରରୁ ମଧ୍ୟ ସୂଚନା ମିଳୁଛି। ବାଂଲାଦେଶରେ ଯାହାସବୁ ଘଟୁଛି, ତାକୁ ଦେଖୁବା ପରେ ବାଲିଆପାଳ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିଦ ନଭାଙ୍ଗେ, ତେବେ ବାଲିଆପାଳ ରେ ଆଗକୁ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କାକୁ କଦାପି ଏଡ଼ାଇ ଦିଆଯାଇ ନପାରେ।

# ସୋପିଆଁର ଡିକେ ପୋରାରୁ ଆତଙ୍କବାଦୀଙ୍କ ଦୁଇ ସହଯୋଗୀ ଗିରଫ: ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ସୋପିଆଂ, ୧୯/୫ : ଜମ୍ମୁ-କାଶ୍ମୀର ପୁଲିସ ଓ ସୁରକ୍ଷାବଳ ଦକ୍ଷିଣ କାଶ୍ମୀରର ଶୋପିଆଂ ଜିଲ୍ଲାର ଡିକେ ପୋରା ଅଞ୍ଚଳରୁ ଆତଙ୍କବାଦୀମାନଙ୍କର ଦୁଇ ଜଣ ସହଯୋଗୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ଅଧିକାରୀମାନେ ଏହି ସୂଚନା ଆଜି ଦେଇଛନ୍ତି। ସେମାନେ କହିଛନ୍ତି ଯେ, ସେନାର ୩୪ ଆରଆର, ଶୋପିଆଂ ପୁଲିସ ଓ ସିଆରପିଏଫର ୧୭୮ ବାଟାଲିୟନ ଏକ ସଂଯୁକ୍ତ ଅଭିଯାନ ଚାଳାଇଥିଲେ। ଇମାମ ସାହିବ ପୁଲିସ ଥାନା ଅଞ୍ଚଳର ଡିକେ ପୋରାରୁ ଏକ ଚେକ ପଏଣ୍ଟରେ ସେମାନଙ୍କୁ ଧରାଯାଇଛି।

# ଦୁଇ ଅନାଥ ନାବାଳକଙ୍କ ମାଆ ସ୍ୱର୍ଗତ ସୀମା ସିଂଙ୍କର ଏକାଦଶାହ କ୍ରିୟା ସମାପନ କଲେ ଓଡ଼ିଶା ଶ୍ରୀରାମ ସେବା ସଂଗଠନ



ଜଳେଶ୍ୱର, ୧୯/୫ (ନି.ପ୍ର): କରାଳ ଗତିରେ ୮ ବର୍ଷ ପୂର୍ବରୁ ବାପା ସ୍ୱର୍ଗତଃ ସୃଷ୍ଟିଧର ସିଂ ଏବଂ ୧୧ ଦିନ ପୂର୍ବରୁ ମାଆ ସ୍ୱର୍ଗତଃ ସୀମା ସିଂଙ୍କୁ ହରାଇଛନ୍ତି ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ଆଦିବାସୀ ସାହିର ଦୁଇ ଅନାଥ ନାବାଳକ ଅନୁପ ସିଂ ଓ ସନୁପ ସିଂ। ସତରେ ଦୁଃଖ କଣ ଏମିତି ବି ଆସେ। ଆଜି ଅସହାୟ, ବେସାହାରା ହୋଇ ପଡିଛନ୍ତି ଦୁଇ ନାବାଳକ। ମୁଣ୍ଡ ଉପରୁ ଉଠି ଯାଇଛି ବାପା ମାଆର ସ୍ନେହ,ଶ୍ରଦ୍ଧା ଓ ଆଶିର୍ବାଦ। ମାଆର ଅନ୍ତେଷ୍ଟି କ୍ରିୟା ପାଇଁ ଅର୍ଥ ସାଜିଥିଲା ବାଧକ। ଏହି ଘଟଣାଟି ବିଭିନ୍ନ ଗଣ ମାଧ୍ୟମରେ ଦୁଇ ବାପା ମାଆ ଛେଉଣ୍ଡ ନାବାଳକ ପିଲାଙ୍କ ବିଷୟରେ ଖବର ପ୍ରକାଶିତ ହେବା ପରେ ବିଭିନ୍ନ ରାଜନୈତିକ ଦଳର ନେତା,ବିଭିନ୍ନ ସଂଗଠନ ଆସି ସାହାଯ୍ୟର ହାତ ବଢାଇ ଥିଲେ।କିନ୍ତୁ ସେବାହିଁ ଧର୍ମ,ସେବାହିଁ କର୍ମ, ସେବାହିଁ ପୁର୍ଣ୍ୟ ଓ ମାନବ ସେବା ହିଁ ଈଶ୍ୱର ସେବାକୁ ବ୍ରତ ବୋଲି ଭାବି ଓଡିଶା ଶ୍ରୀରାମ ସେବା ସଂଗଠନର ରାଜ୍ୟ ସଭାପତି ଶ୍ରୀଯୁକ୍ତ କୃତିବାସ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି କୃତିବାସ ପଣ୍ଡା (ବାପିନନା),ଜିଲ୍ଲା ଉପସଭାପତି ଅରୁପ କୁମାର ପତି,ଡ଼ାକ୍ତର ବିଜୟଲକ୍ଷ୍ମୀ, ନିତ୍ୟାନନ୍ଦ ସାହୁ, ରଶ୍ମିତା ବେହେରା ପ୍ରମୁଖ ଆରୁହା ଗ୍ରାମରେ ଆଜି ସକାଳ ୭ଘଟିକା ସମୟରେ ପହଞ୍ଚି ୩ ଶହ ଲୋକଙ୍କ ଜଳଖିଆ ଓ ମଧ୍ୟାହ୍ନ ଭୋଜନର ସମସ୍ତ ଖର୍ଚ୍ଚ ବହନ କରି ଆୟୋଜନ କରି ଥିଲେ। ଏହି କାର୍ଯ୍ୟକ୍ରମରେ ସରପଂଚ ତପନୀ ଭୂୟାଁ, ସମିତି ସଦସ୍ୟା ମଧୁମିତା ମହାନ୍ତି, ପ୍ରାକ୍ତନ ସରପଞ୍ଚ ପ୍ରମିଳା ସାମଲ, ସମାଜସେବୀ ଶ୍ରିକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ, ହର ନାରାୟଣ ଦାସ ମହାପାତ୍ର, ଅଞ୍ଜଳୀ ସିଂ, ଶିକ୍ଷକ ତପନ ସିଂ, କଟିଆ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା ଅନୁଷ୍ଠିତ: ରାଜ୍ୟସ୍ତରରେ ଯୋଗ ଦେବେ ୧୬ ପ୍ରତିଯୋଗୀ



ମୟୂରଭଞ୍ଜ, ୧୯/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ ଅବଧାନରେ ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମେଳନ କକ୍ଷ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବର୍ଗର ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା -୨୦୨୫ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ପ୍ରତିଯୋଗିତା କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ । ବିଚାରକ ଭାବେ ଜ୍ୟୋତିରଞ୍ଜନ ଦାସ,ସରୋଜ ରାମ,ମନୋଜ ରାମ, ମିତାକ୍ଷୀ ମହାନ୍ତି, ମୋନାଲିସା ବାରିକ, ଅପସନା ଖାତୁନ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ । ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ ଲକ୍ଷ୍ମୀଧର ମହାନ୍ତି ଦେଇଥିଲେ । ମେ ମାସ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା ରେ ମୟୂରଭଞ୍ଜ ଜିଲ୍ଲା ରୁ ୧୬ ଜଣ ଛାତ୍ର ଛାତ୍ରୀ ଯୋଗ ଦେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି। ବାଳକ ଟିମ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ ସରକାରୀ ଉଚ୍ଚ ବିଦ୍ୟାଳୟ,ହାତୀମରା ର ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ଆରପଟା ଉଚ୍ଚ ବିଦ୍ୟାଳୟ ର ପିଇଟି କ୍ଷୀଣପ୍ରଭା ବାରିକଙ୍କ ନେତୃତ୍ୱ ରେ ପ୍ରତିଯୋଗୀମାନେ ଯୋଗ ଦେବେ । ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗରେ କ୍ରିଷ୍ଣା ଦାସ, ରୁଦ୍ର ନାରାୟଣ ଦାସ, ରୁଦ୍ରଜିତ କମିଲା, ବିଶାଳ ମହାନ୍ତ ଓ ବାଳିକା ବିଭାଗ ରେ ସୁଭାଗା ବରାଳ, ସଙ୍ଗୀତା ପାଢ଼ୀ, ସାଇପ୍ରିୟା ସିଂ,ଦେବାଙ୍ଗସି ସେଠୀ । ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗ ରେ କ୍ରିଷ୍ଣା ନାୟକ, ଗୋପାଳ ସିଂ, ଶୁଭଜିତ କୁଇଲା,ଡମ୍ବରୁଧର ମହାନ୍ତ ଓ ବାଳିକା ବିଭାଗରେ ଲକ୍ଷ୍ମୀ ସୋରେନ, ଶୁଭଲକ୍ଷ୍ମୀ ବେହେରା, ପ୍ରୀତି ବିନ୍ଧାଣୀ,ବିଷ୍ଣୁପ୍ରିୟା ପଣ୍ଡିତ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ରାଜ୍ୟ ସ୍ତରରେ ସଫଳତା କାମନା କରାଯାଇଅଛି ।

SAI SADHANA

ନାମ ଲେଖା ଚାଲୁଅଛି



ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର

୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)

ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)

ସାଇ ସାଧନା + ୩ ସାଇନ୍ସ

Hons : Phy., Chem., Math., Comp. Sc, Bot, Zool

ରେସିଡେନସିଆଲ / ଡେ ବୋର୍ଡ଼ିଂ

ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା (+୨ ବିଜ୍ଞାନ ଓ କଳା)

Contact : 9437294587, 9438317887

## ଆଗକୁ ବଢୁଛି ମୌସୁମୀ

ଭୁବନେଶ୍ୱର, ୧୯/୫ (ନି.ପ୍ର): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗରରେ ଆହୁରି ଅଗ୍ରସର ହେଉଛି। ଦକ୍ଷିଣ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ବି ଅଗ୍ରସର ହେଉଛି ମୌସୁମୀ। ଆଗାମୀ ୨/୩ ଦିନ ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗରର ଆଗକୁ ବଢ଼ିବ। ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ ।

# ମେ ୨୧ରେ ଖୋଲିବ ଦ୍ୱିତୀୟ କେଦାର ମଦ୍ମହେଶ୍ୱରର ଦ୍ୱାର: ପ୍ରକ୍ରିୟା ଆରମ୍ଭ

ରୁଦ୍ରପ୍ରୟାଗ, ୧୯/୫ (ନି.ପ୍ର): ପଞ୍ଚକେଦାର ମଧ୍ୟରୁ ପ୍ରତିଷ୍ଠିତ ଦ୍ୱିତୀୟ କେଦାର ମଦ୍ମହେଶ୍ୱରଙ୍କର କବାଟ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମଦ୍ମହେଶ୍ୱରଙ୍କ ଚଳନ୍ତି ବିଗ୍ରହ ଡୋଲି ଆଜି ଓଙ୍କାରେଶ୍ୱର ମନ୍ଦିର, ଉଖୀମଠରୁ ମଦ୍ମହେଶ୍ୱର ଧାମ ପାଇଁ ବାହାରିଛି । ଏହା ପ?ର୍ବରୁ କେଦାରନାଥ ରାୱଲ ଭୀମଶଙ୍କର ଲିଙ୍ଗ ଏହାପୂର୍ବରୁ ନିୟମ ଅନୁସାରେ ବିଧିବଧାନ ପୂଜା-ଅର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ଦିରକୁ ଫୁଲରେ ସଜାଯାଇଛି । ଦ୍ୱିତୀୟ କେଦାର ମଦ୍ମହେଶ୍ୱରଙ୍କର କବାଟ ଏହି ବର୍ଷର ଯାତ୍ରାରେ ୨୧ ମଇ ତାରିଖରେ ପୂର୍ବାହ୍ନ ୧୧:୩୦ରେ ଖୋଲାଯିବ। ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିସାରିଛି। ଓଂକାରେଶ୍ୱର ମନ୍ଦିର, ଉଖୀମଠକୁ ଫୁଲରେ ସଜାଯାଇଛି। ବିକେଟିସି ମିଡିଆ ପ୍ରଭାରୀ ଡା. ହରିଶ୍ ଗୌଡ଼ କହିଛନ୍ତି ଯେ, ୧୮ ମଇ ତାରିଖରେ ମଦ୍ମହେଶ୍ୱରଙ୍କ ଚଳନ୍ତି ବିଗ୍ରହ ଡୋଲି ଓଂକାରେଶ୍ୱର ମନ୍ଦିର, ଉଖୀମଠ ପରିସରରେ ବିରାଜମାନ ହୋଇଛନ୍ତି । ଆଜି ଏହି ଡୋଲି ଓଂକାରେଶ୍ୱର ମନ୍ଦିର, ଉଖୀମଠରୁ ପ୍ରଥମ ପର୍ଯ୍ୟାୟ ରାକେଶ୍ୱରୀ ମନ୍ଦିର, ରାଂସି ପାଇଁ ପ୍ରସ୍ଥାନ କରିଛି। ୨୦ ମଇ ଦ୍ୱିତୀୟ ପର୍ଯ୍ୟାୟ ଗୋଣ୍ଡାରରେ ରହିବ ଏବଂ ୨୧ ମେ ସକାଳେ ଶ୍ରୀମଦ୍ମହେଶ୍ୱର ଧାମ ପହଞ୍ଚିବ। ଏହି ଦିନ ଅର୍ଥାତ୍ ୨୧ ମେ ତାରିଖରେ କର୍କଟ ଲଗ୍ନରେ ପୂର୍ବାହ୍ନ ୧୧:୩୦ ବେଳେ ଦ୍ୱିତୀୟ କେଦାର ମଦ୍ମହେଶ୍ୱରଙ୍କର କବାଟ ଖୋଲିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida